# ଘଣ୍ଟପଡ଼ା ଗ୍ରାମ ଦେଇ ପ୍ରସ୍ତାବିତ ରେଲ ଲାଇନକୁ ବିରୋଧ

ତାଳଚେରସଦର, ୭ ।୧୨(ସମିସ): ଘଣ୍ଟପଡ଼ା ଗ୍ରାମ ମଧ ଦେଇ ତାଳଚେରରୁ ଅନୁଗୋଳ ଯାଏଁ ନିର୍ମାଣ ହେବାକୁ ଥିବା ନୂତନ ୱାଇ ସଂଯୋଗୀକରଣ ରେଲ ଲାଇନକୁ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ତାଳଚେର, ଅନୁଗୋଳର ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଭୂଅର୍ଜନ ଅଧିକାରୀ ତଥା ଜୋନ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏନେଇ ଘଣ୍ଟପଡ଼ା ଓ ଚାଳଗଡ଼ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ, ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଜରୁରୀ ବୈଠକ ହୋଇଥିଲା । ବୈଠକରେ ପ୍ରଥମେ କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଥିବା ନିର୍ଦ୍ଦେଶନାମାକୁ ଉପସ୍ଥିତ ଥିବା ସମସ୍ତଙ୍କୁ ଓଡ଼ିଆରେ ବୁଝାଇ ଦିଆଯିବା ସହ ମତାମତ ସଂଗ୍ରହ କରାଯାଇଥିଲା । ଉପସ୍ଥିତ ସମସ୍ତ ବ୍ୟକ୍ତି ପ୍ରସ୍ତାବିତ ନୂତନ ରେଳ ପ୍ରକଳ୍ପକୁ ବିରୋଧ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ଘଣ୍ଟପଡ଼ା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି । କାରଣ ଏହି ଗ୍ରାମ ମଧ୍ୟଭାଗରେ ରେଳ ଲାଇନ୍ ଯିବା ସହ ପ୍ରମୁଖ ପୋଖରୀ (ଚାଟେରୀ)କୁ ଅତିକ୍ରମ କରୁଛି । ଏହା ହେଉଛି ଘଣ୍ଟପଡ଼ା ଗ୍ରାମର ସର୍ବ ପୁରାତନ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରା ସହିତ ଜଡ଼ିତ ଆଦର୍ଶ ଓ ଅମୃତ ସରୋବର । ଏହି ପୋଖରୀ ସମସ୍ତଙ୍କ ଭାବାବେଗ ସହ ଜଡ଼ିତ । ଶତାଧିକ ବର୍ଷ ପୂର୍ବରୁ ଗ୍ରାମବାସୀ ଉକ୍ତ ପୋଖରୀ ଖନନ କରି ସ୍ନାନ, ମତ୍ସ୍ୟଚାଷ, କୃଷିକାର୍ଯ୍ୟ, ଦେବକାର୍ଯ୍ୟ, ସଂସ୍କାର କାର୍ଯ୍ୟ ସହ ସନ୍ତରଣ ଅଭ୍ୟାସ କରି ଆସୁଛନ୍ତି । ଆବଶ୍ୟକ ସ୍ଥଳେ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି । ଗାଈଗୋରୁ, ପଶୁପକ୍ଷୀ ମଧ ଏଠାରୁ ଜଳଗ୍ରହଣ କରୁଛନ୍ତି । ବର୍ତ୍ତମାନ ପୋଖରୀ ହୁଡ଼ାରେ ୱାକିଂ ଟ୍ରାକ ସହ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବିତ ରେଳ ପ୍ରକଳ୍ପ ଘଣ୍ଟପଡ଼ା ଗ୍ରାମ ମଧ୍ୟଭାଗରେ ତିନୋଟି ମୁଖ୍ୟ ରାସ୍ତା ମଧ ଦେଇ ଅତିକ୍ରମ କରୁଥିବାରୁ ଦୈନନ୍ଦିନ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରିବା ସହିତ ଧନଜୀବନ ତଥା ଗାଈଗୋରୁଙ୍କ ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି । ଏହି ପ୍ରସ୍ତାବିତ ରେଳ ପ୍ରକଳ୍ପ ପୂର୍ବରୁ ଗ୍ରାମ ଚତୁଃପାର୍ଶ୍ୱରେ ୭୫ ଭାଗ (ପୂର୍ବ, ପଶ୍ଚିମ, ଉତ୍ତର) ରେଳ ଲାଇନ ଦ୍ୱାରା ଆଚ୍ଛାଦିତ ହେଉଥିବାରୁ ଦୈନନ୍ଦିନ ଜୀବନ ବିଭିନ୍ନ ଅସୁବିଧା ଭୋଗୁଛନ୍ତି । ତେଣୁ ଏହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ କୋଇଲାଖଣି ପ୍ରତିଷ୍ଠା ପାଇଁ ଘଣ୍ଟପଡ଼ାବାସୀ ଜମି ପ୍ରଦାନ କରିଥିବା ବେଳେ ପୁନର୍ବାର ଗ୍ରାମର ଏକର ଏକର ଜମି ସରକାରୀ କାର୍ଯ୍ୟ, ମେଡିକାଲ, ଏମସିଏଲର ବିଭିନ୍ନ କାର୍ଯ୍ୟାଳୟ, କଲୋନୀ ଆଦି ସ୍ଥାପନ ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି । ବର୍ତ୍ତମାନ ଗ୍ରାମର ଲୋକସଂଖ୍ୟା ତୁଳନାରେ ଜମି ଏବଂ ବାସପଯୋଗୀ ସ୍ଥାନ ଢେର୍ କମିଗଲାଣି । ଯାହାକି ଭବିଷ୍ୟତ ପିଢ଼ି ଏଠାରେ ରହିବା ପାଇଁ ସ୍ଥାନ ଅଭାବ ପଡ଼ିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ଏବେ ପୁଣି ଥରେ ପ୍ରସ୍ତାବିତ ତାଳଚେର-ଅନୁଗୋଳ ୱାଇ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ଏହି ଗ୍ରାମର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ଦେଇ ନିଆଯାଉଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବାସହ ବିକଳ୍ପ ସ୍ଥାନରେ ଏହାକୁ ନିର୍ମାଣ କରିବାକୁ ଦାବି କରିଛନ୍ତି । ଏ ନେଇ ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକ, ଅନୁଗୋଳ ଜିଲ୍ଲାପାଳ, ତାଳଚେର ଉପ-ଜିଲ୍ଲାପାଳ, ତାଳଚେର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ରାଜ୍ୟସ୍ତରୀୟ ରେଫରୀ ପ୍ରଶିକ୍ଷଣ ଶିବିର

## ଅନୁଗୋଳ ଜିଲ୍ଲାରୁ ୩ ବିଚାରକ



ଅନୁଗୋଳ, ୭ ।୧୨(ସମିସ): ଜାତୀୟ ତାଏକ୍ୱୋଣ୍ଡୋ ଆସୋସିଏସନ୍ ଓଡ଼ିଶାର ସମ୍ପାଦକ ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲା ଚରମ୍ପାସ୍ଥିତ ଏକ ହୋଟେଲ୍‌ରେ ରାଜ୍ୟସ୍ତରୀୟ ରେଫରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଶିବିରରେ ତାଏକ୍ୱୋଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ (ଟିଏଫ୍ଆଇ)ର ଯୁଗ୍ମ ସମ୍ପାଦକ ରୁପକମଲ ନନ୍ଦି ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେବେ । ଏହି ପ୍ରଶିକ୍ଷଣ ଶିବିରରେ ଅନୁଗୋଳ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଜଣେ ବାଳିକା ଓ ୨ ଜଣ ବାଳକ ଅଂଶଗ୍ରହଣ କରିବେ । ବିଚାରକମାନେ ହେଲେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ମୁକେଶ୍ କୁମାର ବେହେରା, କେ ସାଇ ଆଦିତ୍ୟ । ଏହି ବିଚାରକମାନଙ୍କୁ ଅନୁଗୋଳ ଜୁଡୋ ସଂଘ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ଅନୁଗୋଳ ତାଏକ୍ୱୋଣ୍ଡୋ ଆସୋସିଏସନ୍ ସଭାପତି ନୀଳମଣି ରାଉତ, ଉପ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାଶ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା ଶୁଭେଚ୍ଛା ଜଣାଇଛନ୍ତି ।

## ବିବେକାନନ୍ଦ ବିଦ୍ୟାମନ୍ଦିର ପରିଚାଳନା କମିଟି ଗଠିତ



ତାଳଚେରସଦର, ୭ ।୧୨(ସମିସ): ଆନନ୍ଦ ବଜାର ସନ୍ତାପଡ଼ାସ୍ଥିତ ବିବେକାନନ୍ଦ ବିଦ୍ୟାମନ୍ଦିରର ନୂତନ ପରିଚାଳନା କମିଟି ସ୍କୁଲ କାର୍ଯ୍ୟାଳୟରେ ଗଠିତ ହୋଇଛି । ପୂର୍ବତନ ଉପସଭାପତି ପଦ୍ମଚରଣ ରଥଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା । ଉପସଭାପତି ଭାବେ ଗଣେଶ୍ୱର ମହାନ୍ତି, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପ୍ରଧାନ, ସମ୍ପାଦକ ସହଦେବ ସାମଲ, ସହ ସମ୍ପାଦକ ଭାବେ ଆନନ୍ଦ ଚନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି । ସେହିପରି ପଦ୍ମଚରଣ ରଥଙ୍କୁ ମୁଖ୍ୟ ଉପଦେଷ୍ଟା, ନରେନ୍ଦ୍ର କୁମାର ସାହୁଙ୍କୁ ଉପଦେଷ୍ଟା, ରମାକାନ୍ତ ସାମଲଙ୍କୁ ସହ ଉପଦେଷ୍ଟା ଭାବେ ମୋନୋନୀତ କରାଯାଇଛି । ସଭ୍ୟସଭ୍ୟା ଭାବେ ରଞ୍ଜିତ ଗଡ଼ନାୟକ, ଚିତ୍ତରଞ୍ଜନ ଭୁତିଆ, ରଞ୍ଜନ ଧର, ସନ୍ତୋଷ ପଲେଇ, ସଙ୍ଗୀତା ସାମଲ, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ରଥ, ଶିକ୍ଷକ ପ୍ରତିନିଧି କାଜୋଲ ବାରିକଙ୍କ ନାମ ଘୋଷଣା କରାଯାଇଛି । ପଦ୍ମଚରଣ ରଥ ସଭ୍ୟସଭ୍ୟାମାନଙ୍କୁ ଶପଥପାଠ କରାଇଥିଲେ । ଏହି ବିଦ୍ୟାଳୟ ନିକଟରେ ଗୋଟିଏ ମଦ ଦୋକାନ ଥିବାରୁ ପ୍ରଧାନଶିକ୍ଷୟିତ୍ରୀ ଓ କାର୍ଯ୍ୟକାରୀ ସଭାପତି କ୍ଷୋଭପ୍ରକାଶ କରିବା ସହ ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ ।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ତାଳଚେର, ୭ ।୧୨(ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ୫୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୬ ଓ ୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି । ଅଧ୍ୟାପକ ଡ. ସନ୍ତୋଷ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଶୋକ ପ୍ରସନ୍ନ ଶରଣ ଯୋଗଦେଇଥିଲେ । ଏହି ମହାବିଦ୍ୟାଳୟ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବେଳେ ସମ୍ପ୍ରତି ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତି ଆଗ୍ରହ ବେଶ୍ ଉତ୍ସାହଜନକ ବୋଲି ମୁଖ୍ୟଅତିଥି ପ୍ରକାଶ କରିଥିଲେ । ଚଳିତ ବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ ଯୁକ୍ତ ତିନି ସ୍ତରରେ ତୀର୍ଥରାଜ ପୂର୍ତ୍ତୀ ଓ ପ୍ରିୟଦର୍ଶିନୀ ସାହୁ ଚାମ୍ପିଅନ ହୋଇଥିବାବେଳେ ଯୁକ୍ତଦୁଇ ସ୍ତରରେ ଥାପୁ ଚରଣ ମୁର୍ମୁ ଏବଂ ତୁଳସୀ ମୁର୍ମୁ ଚାମ୍ପିଅନ ହୋଇଥିଲେ । ଅଧ୍ୟାପକ କର୍ମଚାରୀମାନଙ୍କ ୧୦୦ମି. ଦୌଡ଼ରେ ଅଧ୍ୟାପକ ଭଗବାନ ସିଂହ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ପୋଖରୀ ନିଲାମରେ ଅନିୟମିତତା

ଜିଲ୍ଲାପାଳଙ୍କୁ ଅଭିଯୋଗ

ବଇଣ୍ଡା, ୭ ।୧୨(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ପଞ୍ଚାୟତ କୁରୁମଟାପ ଗ୍ରାମରେ ଥିବା ହାତୀମୁଣ୍ଡା ନାମକ ଏକ କଟା (ପୋଖରୀ) ନିଲାମରେ ଅନିୟମିତତା ହୋଇଥିବା କୁରୁମଟାପ ଗ୍ରାମର ମା' ମାହେଶ୍ୱରୀ ମହିଳା ଗୋଷ୍ଠୀ ପକ୍ଷରୁ ଶନିବାର ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି । ଏହାର ନକଲ ଆଠମଲ୍ଲିକ ଉପ ଜିଲ୍ଲାପାଳ, କିଶୋରନଗର ବିଡିଓଙ୍କୁ ପ୍ରଦାନ କରାଯାଇଛି । ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଯେ ଉକ୍ତ ପୋଖରୀକୁ ନିଲାମ ପାଇଁ ନାକିଚି ପଞ୍ଚାୟତ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ଡାକ ହୋଇଥିଲା । ମା' ମାହେଶ୍ୱରୀ ମହିଳା ଗୋଷ୍ଠୀ ପକ୍ଷରୁ ସର୍ବାଧିକ ୫୨ ହଜାର ୫୦୦ ଟଙ୍କା ଡାକ ହୋଇଥିଲା । ହେଲେ ୫୨୦୦୦ ଡାକିଥିବା ଅନ୍ୟ ଏକ ମହିଳା ଗୋଷ୍ଠୀକୁ ତଞ୍ଚକତା କରାଯାଇ ତାଙ୍କୁ ପୋଖରୀ ନିଲାମ ଦିଆଯାଇଥିବା ଅଭିଯୋଗ ହୋଇଛି । ବ୍ଲକ ଓ ପଞ୍ଚାୟତର କିଛି କର୍ମଚାରୀଙ୍କ ମଧ୍ୟରେ ସଲାସୁତରା ହୋଇ ଉକ୍ତ ମହିଳା ଗୋଷ୍ଠୀଙ୍କଠାରୁ ହାତଗୁଞ୍ଜା ନେଇ ତାଙ୍କୁ ନିଲାମ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସଂଘର ସଭାନେତ୍ରୀ ମିନତୀ ସାହୁ, ସମ୍ପାଦିକା ଉର୍ମିଳା ସାହୁ, ଜାଇତ୍ରୀ ସାହୁ, ବିନୋଦିନୀ ପ୍ରଧାନ, ଲକ୍ଷ୍ମୀ ସାହୁ, ରୋଜାଲିନ ରାଉଳ, ଚଞ୍ଚଳା ରାଉଳ ପ୍ରମୁଖ ଦାବି କରିଛନ୍ତି । ନଚେତ ବ୍ଲକ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି । ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ ।

## ଛାତ୍ରୀନିବାସ ପାଇଁ ଜମି ଚିହ୍ନଟ



ବଇଣ୍ଡା, ୭ ।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଓବିସି ଛାତ୍ରୀନିବାସ ନିର୍ମାଣ ପାଇଁ ଶନିବାର ମହାବିଦ୍ୟାଳୟ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଜମି ଚିହ୍ନଟ କରାଯାଇଛି । ଏଥିସହ ଛାତ୍ରୀନିବାସ ପାଇଁ ନକ୍ସା କଟାଯାଇଛି । ୧୦୦ ଶଯ୍ୟା ବିଶିଷ୍ଟ ଏହି ନିବାସ ନିର୍ମାଣ ପାଇଁ ବହୁବାର ଅଞ୍ଚଳବାସୀ ଓ ମହାବିଦ୍ୟାଳୟ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ସରକାର ୩ ମହଲା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି । ଏ ନେଇ ୨ କୋଟି ୯୯ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଶନିବାର ସମିତିସଭ୍ୟ ଧୋବେଇ ବେହେରା, ସାମ୍ବାଦିକ ପରୀକ୍ଷିତ ସାହୁ, ଯୁବ ବିଜେଡି ନେତା ଅରୁଣ କୁମାର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଅଧ୍ୟାପକ ଅସିତ କୁମାର ଜେନାଙ୍କ ସମେତ ଠିକାସଂସ୍ଥା କର୍ମଚାରୀ ଉପସ୍ଥିତ ରହି ଜମି ଚିହ୍ନଟ କରିଥିଲେ ।

## ମଦ ଜବତ; ଜଣେ ଗିରଫ

ବଇଣ୍ଡା, ୭ ।୧୨(ସମିସ): ଠାକୁରଗଡ଼ ଥାନା ପୁଲିସ ଶୁକ୍ରବାର ତାଳବାହାଳି ଗ୍ରାମରେ ଚଢ଼ଉ କରି ପୁନି ପ୍ରଧାନଙ୍କ ଘରୁ ୭ ଲିଟର ଚୋରାମଦ ଜବତ କରିଛି । ଏଥିସହ ପୁନିଙ୍କୁ ଗିରଫ କରାଯାଇଛି । ସେ ଘରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବର ପାଇଁ ପୁଲିସ ଚଢ଼ଉ କରିଥିଲା । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଭିନ୍ନ ଭିନ୍ନ ସ୍ଥାନରେ ଡକାୟତି

## ଘରୁ ୮ ଭରି ସୁନା ଲୁଟ୍, ଆକ୍ରମଣ କରି ମୋବାଇଲ, ଟଙ୍କା ନେଇଗଲେ

ତାଳଚେରସଦର, ୭ ।୧୨(ସମିସ): ତାଳଚେର ଅଞ୍ଚଳରେ ଲୁଟପାଟ୍ ଥମିବାରେ ନାଁ ନେଉନାହିଁ । ଦୁର୍ବୃତ୍ତମାନେ ପୁଲିସ୍‌କୁ ଖୋଲମଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଡକାୟତି ଘଟାଇ ଚାଲିଥିଲେ ମଧ ଚୋରି ସାମଗ୍ରୀ ଉଦ୍ଧାର ହେବ କ'ଣ ପୁଲିସ୍ ଲୁଟେରାଙ୍କ ଟେର ମଧ ପାଉ ନ ଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ତାଳଚେର ବାଘୁଆବୋଲ ଗ୍ରାମର ଈଶ୍ୱର ମହାପାତ୍ରଙ୍କ ଘରେ କେହି ନ ଥିବା ସମୟରେ ୩ ଦୁର୍ବୃତ୍ତ କଳାକନା ବୁଲାଇ ଦେଇଛନ୍ତି । ଜଣକୁ ସ୍ଥାନୀୟ ଲୋକେ କାବୁକରି ପୁଲିସ୍ ଜିମା ଦେଇଥିବା ବେଳେ ପୁଲିସ୍ ତଦନ୍ତ ଆରମ୍ଭ କରିଛି ।

ଈଶ୍ୱରଙ୍କ ପରିବାର ଲୋକେ ଘରେ ତାଲା ପକାଇ ମାର୍କେଟ ଯାଇଥିଲେ । ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଭିତରକୁ ପଶିଥିଲେ । ଝିଅ ବାହାଘର ପାଇଁ ଆଲମିରାରେ ରଖିଥିବା ୮ ଭରି ଓଜନର ସୁନାଗହଣା ନେଇ ପଳାଉଥିବା ସମୟରେ ଶବ୍ଦ ଶୁଣି ପଡ଼ୋଶୀ ଦୌଡ଼ି ଆସି ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରିବାରେ ସଫଳ ହୋଇଥିଲେ । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସେହିପରି ବାଇପାସ୍ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଗ୍ୟାରେଜରେ ଟ୍ରକ ଚାଳକ ଗାଡ଼ି ରଖି ବସଷ୍ଟାଣ୍ଡ ନିକଟରେ ଥିବା ତାଙ୍କ ଘରକୁ ଯାଇଥିଲା । ଘରୁ ଗାଡ଼ି ପାଖକୁ ଆସୁଥିବା ବେଳେ ମାରଣାସ୍ତ୍ର ଧରି ୪ରୁ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ତଳେ ପକାଇ ଦେଇଥିଲେ । ତାଙ୍କ ନିକଟରେ ଥିବା ସ୍ମାର୍ଟଫୋନ୍ ଓ ୧୨ହଜାର ୫ଶହ ଟଙ୍କାନେଇ ଫେରାର ହୋଇଯାଇଥିଲେ । ଏ ନେଇ ତାଳଚେର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲୁଟ୍‌ର ଶିକାର ହୋଇଥିବା ଚାଳକ ହେଲେ ଉତ୍ତରପ୍ରଦେଶ ବାଳିନାର ସଞ୍ଜୟ ରାଓ (୪୭) । ସେ ତାଳଚେରରେ ରହି କୋଇଲା ଟ୍ରକ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି ।

## ଏମ୍‌ସିଏଲ୍ କ୍ଷତିଗ୍ରସ୍ତଙ୍କ ସମସ୍ୟା ନେଇ ତ୍ରିପାକ୍ଷିକ ବୈଠକ



ତାଳଚେରସଦର, ୭ ।୧୨(ସମିସ): ତାଳଚେର ବ୍ଲକ ରଘୁନାଥପୁର, ଅରଖପାଳ ଏବଂ ବୀରରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ନେଇ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରୀ କୋଇଲା ଖଣିରେ ବ୍ଲାଷ୍ଟିଂ ଯୋଗୁଁ ଘର ଭାଙ୍ଗିବା, ଖଣିର ଧୂଳିଧୂଆଁରେ ଗ୍ରାମ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା, ଭୂତଳ ଜଳସ୍ତର ହ୍ରାସ ପାଇବା, ଚାଷଜମି ହରାଇଥିଲେ ମଧ ଅଦ୍ୟାବଧି ଗ୍ରାମବାସୀଙ୍କୁ ନିଯୁକ୍ତି ଏବଂ ଥଇଥାନ ବ୍ୟବସ୍ଥା କରାଯାଇ ନ ଥିବା ଆଦି ଅଭିଯୋଗ ହୋଇଥିଲା । ଏହି ସବୁ ଅଭିଯୋଗଗୁଡ଼ିକର ସମାଧାନ ଉପରେ ଉପଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏମସିଏଲ ଭୁବନେଶ୍ୱରୀ କୋଇଲା କ୍ଷେତ୍ରର ମହାପ୍ରବନ୍ଧକଙ୍କ ସମେତ ବହୁ ଅଧିକାରୀ ଓ ରଘୁନାଥପୁର, ବୀରରାମଚନ୍ଦ୍ରପୁର ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ । ଏମ୍‌ସିଏଲ ପକ୍ଷରୁ ଏ ସମସ୍ୟା ସମ୍ପର୍କରେ ବିଚାର କରାଯିବାକୁ ପ୍ରତିଶ୍ରୁତି ମିଳିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ଆଠମଲ୍ଲିକରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ

ଆଠମଲ୍ଲିକ, ୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହେବବୋଲି ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି । ୨୦୧୩ରୁ ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଅଞ୍ଚଳବାସୀ ଦାବି କରି ଆସୁଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ସଂଘ, ସାମାଜିକ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅନୁରୋଧ କରାଯାଇଥିଲା । ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଦାବି ଉପସ୍ଥାପନା କରାଯାଇଥିଲା । ନିର୍ବାଚନ ପରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନରେ ପ୍ରଧାନ ସମ୍ବଲପୁର ସାଂସଦ ଭାବେ ନିର୍ବାଚିତ ହୋଇ ପୁଣି କେନ୍ଦ୍ର ଶିକ୍ଷାମନ୍ତ୍ରୀ ହେବା ପରେ ତାଙ୍କ ପ୍ରଚେଷ୍ଟାରେ ଏହା ସମ୍ଭବ ହୋଇଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥିସହ ପ୍ରଧାନମନ୍ତ୍ରୀଙ୍କୁ ମଧ ଧନ୍ୟବାଦ ପ୍ରଦାନ କରିଛନ୍ତି ।

## ୩ ମଦ୍ୟପ ଚାଳକ ଗିରଫ

ବାଇକ ଜବତ

ବଇଣ୍ଡା, ୭ ।୧୨(ସମିସ): ହଣ୍ଡପା ଓ ଠାକୁରଗଡ଼ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ିମଟର ଯାଞ୍ଚ କରାଯାଇଛି । ହଣ୍ଡପା ଥାନା କଣ୍ଟେଇକୋଳିଆ ଅଞ୍ଚଳର କୁନା ସାହୁ ମଦ୍ୟପାନ କରି ବାଇକ ଚଲାଉଥିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଛି । ତାଙ୍କ ବାଇକ ଜବତ କରାଯାଇଛି । ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି । ସେହିପରି ଠାକୁରଗଡ଼ ଥାନା ପୁଲିସ ପୋଡ଼ାପଦର ଗ୍ରାମର ତ୍ରିପୁରା ନାୟକ ଓ ପଥରଗୁମ୍ଫା ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ୍ କୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଗିରଫ କରିଛି । ଉଭୟଙ୍କ ବାଇକ ଜବତ କରାଯାଇଛି । ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି ।

ସଫଳତାର ଉତ୍ସବ ପାଳିଲା ଜିନ୍ଦଲ ଫାଉଣ୍ଡେସନ

# 'ଉତ୍କର୍ଷ'ରୁ ସଫଳ ୨୦ ଓପିଏସସି ପ୍ରାର୍ଥୀ ସମ୍ମାନିତ

ଅନୁଗୋଳ, ୭ ।୧୨(ସମିସ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଭିନ୍ନ ଅଙ୍ଗ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚାଲିଥିବା 'ଉତ୍କର୍ଷ' କାର୍ଯ୍ୟକ୍ରମ ଜରିଆରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ୨୦ ସଫଳ ଓପିଏସସି କୃତୀ ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଛି । 'ଉତ୍କର୍ଷ' ଏଭଳି ଏକ କାର୍ଯ୍ୟକ୍ରମ ଯେଉଁଥିରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଅବହେଳିତ ତଥା ବଞ୍ଚିତ ପ୍ରାର୍ଥୀମାନଙ୍କୁ ମାଗଣାରେ ଗୁଣାତ୍ମକ କୋଚିଂ ଯୋଗାଇ ଦିଆଯାଏ ।

ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବା ୨୦ ଜଣଙ୍କ ମଧ୍ୟରେ ସିଦ୍ଧାର୍ଥ ଆନନ୍ଦ ପଣ୍ଡା ୯୬ ରାଙ୍କ, ସଞ୍ଜୟ ମିଶ୍ର ୧୧୨ ରାଙ୍କ ଏବଂ ସରୋଜ କୁମାର ବେହେରା ୧୬୦ ରାଙ୍କ ହାସଲ କରିଛନ୍ତି । ସେହିପରି ଶ୍ରଦ୍ଧା ରଞ୍ଜନ ୨୪୦ ରାଙ୍କ, କୁମାର ଅବିନାଶ ୨୭୮ ରାଙ୍କ, ଏନ୍ ପଲ୍ଲବୀ ୨୯୭ ରାଙ୍କରେ ରହି ସଫଳ ହୋଇଛନ୍ତି । ଏହି ମନୋନୀତ ପ୍ରାର୍ଥୀମାନେ ସେମାନଙ୍କ ଯୋଗ୍ୟତା ଆଧାରରେ ଓଡ଼ିଶା ପ୍ରଶାସନିକ ସେବା ଏବଂ ଅନ୍ୟାନ୍ୟ ରାଜ୍ୟ ନାଗରିକ ସେବା କ୍ୟାଡର ଅଧୀନରେ ନିଯୁକ୍ତି ପାଇବେ । ଏହି କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ମାନିତ କରିବା ପାଇଁ ଜେଏସପି ଅନୁଗୋଳ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଏହି କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ମାନିତ କରିଥିଲେ ।



ଏହି ଅବସରରେ କୃତୀ ପ୍ରାର୍ଥୀମାନଙ୍କୁ ପ୍ଲାଣ୍ଟ ପରିଭ୍ରମଣ କରାଯାଇ ସେମାନଙ୍କୁ ଜେଏସପିର କାର୍ଯ୍ୟକଳାପ ଉପରେ ଏକ ଅବଧାରଣା ପ୍ରଦାନ କରାଯାଇଥିଲା । ସେହିପରି ଅବହେଳିତ ତଥା ବଞ୍ଚିତ ଯୁବକମାନଙ୍କ ପାଇଁ ଶିକ୍ଷା ଓ ବୃତ୍ତିଗତ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଯାଇଥିଲା । ୨୦୨୧ରେ ଆରମ୍ଭ ହୋଇଥିବା 'ଉତ୍କର୍ଷ' କାର୍ଯ୍ୟକ୍ରମ ଓଡ଼ିଶାର ଯୋଗ୍ୟ ଛାତ୍ରମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେଇଆସୁଛି । ଏହି ଅନଲାଇନ୍ ଏବଂ ଅଫ୍‌ଲାଇନ୍ କୋଚିଂ କାର୍ଯ୍ୟକ୍ରମରୁ ଏପର୍ଯ୍ୟନ୍ତ ପ୍ରାୟ ୨, ୦୦୦ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । 'ଉତ୍କର୍ଷ' କାର୍ଯ୍ୟକ୍ରମରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଅଧିକ ବିବରଣୀ ପାଇଁ ୯୪୩୭୩୦୫୭୯୭ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି । ସମ୍ବର୍ଦ୍ଧନା ଉତ୍ସବରେ ଜେଏସପିର ଅନୁଗୋଳ ସିଏସଆର୍ ମୁଖ୍ୟ ତଥା ଜିଏମ୍ ଜୟନ୍ତ କୁମାର ମହାନ୍ତି ଏବଂ ଅନ୍ୟ ସିଏସ୍ଆର୍ ସଦସ୍ୟ ଉପସ୍ଥିତ ଥିଲେ ।

ବେଆଇନ କୋଇଲା ଡିପୋରେ ଚଢ଼ଉ

## ଟ୍ରକ ଓ ଜେସିବି ଜବତ; ଅଭିଯୁକ୍ତ ଗିରଫ

କଣିହାଁ, ୭ ।୧୨(ସମିସ): କଣିହା ବ୍ଲକ କଂସମୁଣ୍ଡାସ୍ଥିତ ଜୟପୁର ସାହି ଖେଳପଡିଆ ନିକଟରେ ଦୀର୍ଘଦିନ ଧରି ବେଆଇନ କୋଇଲା ଡିପୋ ଚାଲୁଥିଲା । ଶନିବାର ଭୋର ସାଢ଼େ ୪ଟାରେ କଣିହାଁ ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଟିମ୍ ସେଠାରେ ଚଢ଼ଉ କରିଥିଲେ । ଏହି ସମୟରେ ୧୬ ଚକିଆ ଟ୍ରକରେ ଜେସିବି ମାଧ୍ୟମରେ କୋଇଲା ଲୋଡିଂ ଚାଲୁଥିବା ବେଳେ ପୁଲିସ ଉଭୟ ଗାଡ଼ି ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କାମାକ୍ଷାନଗର ଅଞ୍ଚଳର ବାବୁ ରଞ୍ଜନ ବେହେରା (୨୫) । ତାଙ୍କ ନାମରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଥାନା ଆଇଆଇସି ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଟ୍ରକରେ ଲୋଡିଂ ହୋଇଥିବା କୋଇଲାର ପରିମାଣ ୩୦ କୁଇଣ୍ଟାଲ ବୋଲି ସେ କହିଛନ୍ତି ।

## ମହିଳାଙ୍କୁ କଟୁରିରେ ଆକ୍ରମଣ

ବଇଣ୍ଡା, ୭ ।୧୨(ସମିସ): ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମର ସନ୍ଧ୍ୟାରାଣୀ ଗୋଛାୟତଙ୍କୁ ସେହି ଗ୍ରାମର ବିପିନ ଗୋଛାୟତ ଓ ତାଙ୍କ ସ୍ତ୍ରୀ କଟୁରିରେ ଆକ୍ରମଣ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏ ନେଇ ମାମଲା ରୁଜୁ କରିଛି । ସନ୍ଧ୍ୟାରାଣୀ ତାଙ୍କ ଘର ବାରଣ୍ଡାରେ ବସିଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ବିପିନ ଓ ତାଙ୍କ ପତ୍ନୀ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ । ଏଥିରେ ସନ୍ଧ୍ୟାରାଣୀ ଗୁରୁତର ଆହତ ହୋଇଛନ୍ତି ।

# ବିଜେପି କାଉନସିଲରଙ୍କ ଦବଙ୍ଗଗିରି

## ଦିନମଜୁରିଆଙ୍କୁ ମରଣାନ୍ତକ ଆକ୍ରମଣ

ହିନ୍ଦୋଳ,୭ ।୧୨(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି କାଉନସିଲରଙ୍କ ଦବଙ୍ଗଗିରି ଚରମସୀମାରେ ପହଞ୍ଚିଛି। ୱାର୍ଡ ନଂ-୫ର ବିଜେପି କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ ଜଣେ ନିଃସହାୟ ଦିନମଜୁରିଆଙ୍କୁ ମାରଣନ୍ତକ ଆକ୍ରମଣ କରିଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ ଦିନମଜୁରିଆ ବାବୁଲି ନାଏକ ଅମଲାପଡ଼ାର ସୁଧାକର ବେହେରାଙ୍କ ହୋଟେଲରେ କାର୍ଯ୍ୟରତ ଥିବାବେଳେ କାଉନସିଲର ଦୀପକ ଓରଫ ସିଲୁ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ମାଡ଼ମାରି ଫୋପାଡ଼ି ଦେଇ ଚାଲିଯାଇଥିଲେ। ଏନେଇ ହିନ୍ଦୋଳ ଥାନାରେ ଅଭିଯୋଗ କରିବା ପରେ ଦୀପକ ଓ ତାଙ୍କ ସାଥୀମାନଙ୍କ ବିରୋଧରେ ୩୨୦/୨୪ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ଜଣେ ଡିଏସ୍‌ପି ରାଙ୍କର ଅଫିସର ଏହାର ତଦନ୍ତ କରୁଥିବା ବେଳେ ହିନ୍ଦୋଳ ଥାନା ପୁଲିସ କୋହଳ ମନୋଭାବ ପୋଷଣ କରି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ବାବୁଲି ଅଭିଯୋଗ କରିଛନ୍ତି। ଏ ନେଇ ହିନ୍ଦୋଳ ଥାନା ଅଧିକାରିଣୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଏହି ମାମଲାକୁ ଆମ ଉପରିସ୍ଥ ଅଧିକାରୀ ତଦନ୍ତ କରୁଛନ୍ତି। ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।



## କାମାକ୍ଷାନଗରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ

ଢେଙ୍କାନାଳ,୭ ।୧୨(ସମିସ): ଓଡ଼ିଶାରେ ୮ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାସ୍ଥଳେ ସେଥିମଧ୍ୟରୁ କାମାକ୍ଷାନଗରରେ ଗୋଟିଏ ଖୋଲିବ ବୋଲି ଜଣାପଡ଼ିଛି। ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଢେଙ୍କାନାଳ ବିଜେପି ତରଫରୁ ସାଂସଦ ରୁଦ୍ରନାରାୟଣ ପାଣି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ପବିତ୍ର କୁମାର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଶିବପ୍ରସାଦ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରାସବିହାରୀ ବେହେରା, ରତିକାନ୍ତ ସାହୁଙ୍କ ସମେତ କାମାକ୍ଷାନଗର ଓ ଢେଙ୍କାନାଳର ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଧନ୍ୟବାଦ ଜଣାଇଛନ୍ତି।

## ବନ୍ତଳାରେ ଗଜସାଥୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା



ଅନୁଗୋଳ,୭ ।୧୨(ସମିସ): ବନ୍ତଳା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଗଜସାଥୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବନଖଣ୍ଡ ଅଧିକାରୀ, ସ୍ନେହ ସଂସ୍ଥାର ପ୍ରତିନିଧି, ବନ୍ତଳା ରେଞ୍ଜ ଅଫିସର, ଗଜସାଥୀ ଅବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବନ୍ତଳ ରେଞ୍ଜରେ ହାତୀ-ମଣିଷ ଲଢ଼େଇ, ଏହାର କାରଣ, ନିରାକରଣ ଏବଂ ବିଦ୍ୟୁତ୍ ଆଘାତ ଜନିତ ହାତୀମୃତ୍ୟୁ ରୋକିବା ପାଇଁ ବିଭିନ୍ନ ସମ୍ଭାବ୍ୟ ଉପାୟ ସମ୍ପର୍କରେ ଗଜସାଥୀମାନଙ୍କୁ ତାଲିମ ଦିଆଯାଇଥିଲା।

## କୃଷି ଉତ୍ପାଦନ ସମ୍ପର୍କିତ ତାଲିମ ଶିବିର

ବଇଣ୍ଡା,୭ ।୧୨(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ନାକଚି ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଅନୁଗୋଳ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ପରିଚାଳିତ କୃଷି ଉତ୍ପାଦନ ସମୂହ (ଏପିସି) କାର୍ଯ୍ୟକ୍ରମର ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନାକିଚି ଅଞ୍ଚଳର ମହିଳା ଚାଷୀମାନେ ଅଂଶଗ୍ରହଣ କରିଥିଲେ। ପରାମର୍ଶଦାତା ଡ. ନନ୍ଦକିଶୋର ମହାକୁଡ଼, ଅନୀଲ କୁମାର, ଅନ୍ନଦାତା ସ୍ୱାଇଁ ପ୍ରଶିକ୍ଷକ ଭାବେ ଯୋଗଦେଇ ମାଟିକୁ ପ୍ରଥମେ ପରୀକ୍ଷା କରି କିଭଳି ଚାଷ କରିବେ ସେ ସମ୍ପର୍କରେ ମହିଳା ଚାଷୀଙ୍କୁ ପରାମର୍ଶ ଦେବା ସହ ଚାଷରୁ ମହିଳାମାନେ କିଭଳି ସ୍ୱାବଲମ୍ବୀ ହେବେ ସେ ନେଇ କହିଥିଲେ। ଏପିସି କିଶୋରନଗରର ପ୍ରକଳ୍ପ ପରିଚାଳକ ଆଶୁତୋଷ ପ୍ରସାଦ ଗଡ଼ନାୟକ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏପିସି କିଶୋନଗର ଜୀବିକା ସଞ୍ଚାଳକ ଲାବଣ୍ୟବତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବାପୁଜି ଚରଣ ବେହେରା, ସୁଜିତ କୁମାର ପାଣ୍ଡେ, ସଂଘମିତ୍ରା ସାହୁ, କଳ୍ପନା ବିଶ୍ୱାଳ, ସଙ୍ଗୀତ ସାହୁ, ପ୍ରୀତିମୟୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦଯାପିତ



ଅନୁଗୋଳ,୭ ।୧୨(ସମିସ): ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରାରେ ମା' ବୁଢ଼ୀଙ୍କ ମନ୍ଦିର ପ୍ରାଙ୍ଗଣରୁ ବାହାରି ସହର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ସୁରକ୍ଷା ଆୟୋଗ ଅଧିକାରୀ ପୂର୍ଣ୍ଣିମାସି ରଥ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଜୀବନରେ ଦକ୍ଷତା ବିକାଶ ସହ ପ୍ରତିଯୋଗୀଙ୍କୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିର୍ମଳ କୁମାର ମିଶ୍ର, ପୂର୍ବତନ ଅଧ୍ୟକ୍ଷ ନିଖିଲ ରଞ୍ଜନ ମିଶ୍ରଙ୍କ ସମେତ ପରିଚାଳନା କମିଟିର ସଭ୍ୟସଭ୍ୟା ଏବଂ ରୋଟାରୀ କ୍ଲବ ସଭାପତି ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ କୁମାର ମିଶ୍ର, ସତଲବ୍ୟ ନାୟକ, ଶିକ୍ଷୟିତ୍ରୀ ଲୋପାମୁଦ୍ରା ମହାନ୍ତିଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଉଦଘାଟନୀ ଉତ୍ସବରେ ଶିକ୍ଷକ ଜଗନ୍ନାଥ ନାୟକ ଏବଂ ଉଦଯାପନୀ ଉତ୍ସବରେ ଶିକ୍ଷୟିତ୍ରୀ ବୈଷ୍ଣବୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ସିମ୍ରନ୍ ଓ ଅନୁଭା ମିଶ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷାକର୍ମୀ ନିଯୁକ୍ତି ଶିବିର

ଢେଙ୍କାନାଳ,୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ଏବଂ ଏସଆଇଏସ ମିଳିତ ସହଯୋଗରେ ଡିସେମ୍ବର ୫ରୁ ୧୩ ତାରିଖ ପର୍ଯ୍ୟନ୍ତ ସୁରକ୍ଷାକର୍ମୀ ପଦବୀ ପାଇଁ ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଚୟନ ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହେଉଛି। ୫ ତାରିଖ କାମାକ୍ଷାନଗର, ୬ ତାରିଖ ଭୁବନ, ୭ ତାରିଖ କଙ୍କଡ଼ାହାଡ଼ରେ ଶିବିର ହୋଇଥିବା ବେଳେ ୯ ତାରିଖ ପରଜଙ୍ଗ, ୧୦ ତାରିଖ ହିନ୍ଦୋଳ, ୧୧ ତାରିଖ ଓଡ଼ାପଡ଼ା, ୧୨ ତାରିଖ ଗଁଦିଆ ଏବଂ ୧୩ ତାରିଖ ଢେଙ୍କାନାଳ ସଦର ବ୍ଲକ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପ୍ରାର୍ଥୀଙ୍କ ବୟସସୀମା ୧୯ରୁ ୪୦ ବର୍ଷ ରହିଥିବା ବେଳେ ଉଚ୍ଚତା ୧୬୭.୫ ସେମି, ଓଜନ ୫୬ରୁ ୬୦ କିଲୋ ଏବଂ ଶାରୀରିକ ସୁସ୍ଥ ଥିବା ଆବଶ୍ୟକ। ମନୋନୀତ ପ୍ରାର୍ଥୀମାନଙ୍କର କଟକ ଚୌଦ୍ୱାରଠାରେ ଏସଆଇଏସ ଲିମିଟେଡ୍ ପକ୍ଷରୁ ୧ ମାସ ପାଇଁ ଶାରୀରିକ ଦକ୍ଷତା, ଅଗ୍ନିଶମ ସେବା, ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯିବା ସହ ସଫଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେଶର ଜଣାଶୁଣା ସଂସ୍ଥାଗୁଡ଼ିକରେ ନିଯୁକ୍ତି ପ୍ରଦାନ କରାଯିବ। ଏହି ସୁରକ୍ଷାକର୍ମୀଙ୍କ ମାସିକ ବେତନ ୧୪ ହଜାରରୁ ୨୫ ହଜାର ଟଙ୍କା ରହିଛି। ଚୟନ ପାଇଁ ଏସଆଇଏସ ସଂସ୍ଥାକୁ ପଞ୍ଜୀକରଣ ଶୁଳ୍କ ବାବଦ ୩୫୦ ଟଙ୍କା ଅନଲାଇନ ମାଧ୍ୟମରେ ଦେବାକୁ ହେବ। ଯୋଗ୍ୟ ମନୋନୀତ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ, ରହିବା, ଖାଇବା, ପୋଷାକ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧୦ହଜାର ଟଙ୍କା ଅନଲାଇନ ମାଧ୍ୟମରେ ଦେବାକୁ ହେବ ବୋଲି କୁହାଯାଇଛି। ନିର୍ଦ୍ଧାରିତ ତାରିଖରେ ନିଜ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଜେରକ୍ସ କପି ଓ ଅରିଜିନାଲ, ୨ଟି ଫଟୋ ସହ ଚୟନ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

## କଣ୍ଠଶିଳ୍ପୀ ତ୍ରିଲୋଚନ ଭୋଇଙ୍କ ସ୍ମୃତିଚାରଣ ସଭା



ଗଁଦିଆ,୭ ।୧୨(ସମିସ): ଗଁଦିଆ ବ୍ଲକର ବଣିଆପଡ଼ା ଗ୍ରାମର ଅବସରପ୍ରାପ୍ତ ଗ୍ରାମ୍ୟ କୃଷି କର୍ମଚାରୀ ତଥା ବିଶିଷ୍ଟ ହାରମୋନିୟମ୍ ବାଦକ, କଣ୍ଠଶିଳ୍ପୀ ତ୍ରିଲୋଚନ ଭୋଇଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଗଁଦିଆ ସ୍ମୃତିସଂସଦ ତରଫରୁ ତ୍ରିଲୋଚନଙ୍କ ବଣିଆପଡ଼ା ଗ୍ରାମ ବାସଭବନରେ ସ୍ମୃତି ସଂସଦ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗଁଦିଆ ସେବା ସମବାୟ ସମିତି ସଭାପତି ବିଶ୍ୱନାଥ ଜେନା, ପୋରୁହଖୋଜ ସମିତିସଭ୍ୟ ବଳରାମ ପରିଡ଼ା, ଗଁଦିଆ ସ୍ମୃତି ସଂସଦ ସମ୍ପାଦକ ତାପସ କୁମାର ରାଉତ, ଉପସଭାପତି ଡମ୍ବୁରୁଧର ସେଠୀ, ସଂଯୋଜକ ଅଭିମନ୍ୟୁ ଦାସ, ଅଧ୍ୟାପକ ବିକାଶ କୁମାର ମିଶ୍ର, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ, ସଙ୍ଗୀତଜ୍ଞ ଦେବରାଜ ଓଝା, ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ସାହୁ, ଜଳଧର ଦେହୁରୀ ଯୁବ ସମାଜସେବୀ ପ୍ରଦୀପ କୁମାର ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଭୋଇଙ୍କ ବିୟୋଗ ଗଁଦିଆର ସଙ୍ଗୀତ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ କହିଥିଲେ। ସେ ଗଁଦିଆ ବ୍ଲକର ଭିକାରୀ ବଳ ବୋଲି ସଭାପତି ସାହୁ ଅଭିହିତ କରିଥିଲେ।

## ବାଲିବୋ ସରପଞ୍ଚ ଅନାସ୍ଥା ଭୋଟ ୨୦ରେ

ଭୁବନ,୭ ।୧୨(ସମିସ)

ଭୁବନ ବ୍ଲକ ବାଲିବୋ ସରପଞ୍ଚ ସରପଞ୍ଚ ଶୁଭସିଂଧା ବାରିକଙ୍କ ବିରୋଧରେ ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟାମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସହକାରୀ ଜିଲ୍ଲାପାଳ କମଳା ନାୟକଙ୍କୁ ନଭେମ୍ବର ୧୮ରେ ଅନାସ୍ଥା ପ୍ରସ୍ତାବ ପାଇଁ ଦରଖାସ୍ତ ପ୍ରଦାନ କରିଥିଲେ। ଏହି ଅଭିଯୋଗପତ୍ରରେ ସମୁଦାୟ ୧୯ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୧୧ଜଣ ଦସ୍ତଖତ କରିଥିଲେ। ତେବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ଚିଠି ଅନୁଯାୟୀ ଆସନ୍ତା ୨୦ ତାରିଖରେ ଅନାସ୍ଥା ଭୋଟ ଗ୍ରହଣ କରାଯିବାକୁ ଧାର୍ଯ୍ୟ କରଯାଇଛି। ଉକ୍ତ ଦିନ ବାଲିବୋ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ।

## ନାଲକୋ ସିପିପି ପ୍ରଶାସନ ପକ୍ଷରୁ ଏନଏସସିୟୁଙ୍କୁ ସ୍ୱୀକୃତିପତ୍ର ପ୍ରଦାନ

ଅନୁଗୋଳ,୭ ।୧୨(ସମିସ): ନାଲକୋ ଭଳି ନବରତ୍ନ ଉଦ୍ୟୋଗର ସିପିପି କାରଖାନାରେ କର୍ମଚାରୀମାନଙ୍କର ଯେଉଁ ସଂଗଠନଗୁଡ଼ିକ ରହିଛି ସେମାନଙ୍କ ମଧ୍ୟରେ ହୋଇଥିବା ସ୍ୱୀକୃତି ନିର୍ବାଚନ ଗତ ଅକ୍ଟୋବର ୪ ତାରିଖ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ୍ (ଏନ୍‌ଏସ୍‌ସିୟୁ) ଷଷ୍ଠ ଥର ପାଇଁ ବିଜୟୀ ହୋଇଛି। ସିପିପି କାରଖାନାରେ ଶ୍ରମିକମାନଙ୍କ ମଧ୍ୟରେ ହୋଇଥିବା ମୋଟ ୮ ନିର୍ବାଚନରେ ଏନ୍‌ଏସ୍‌ସିୟୁ କେବଳ ୬ ଥର ବିଜୟୀ ହୋଇଛି। ଶନିବାର ପୂର୍ବାହ୍ନରେ ନାଲକୋ ସିପିପି କାରଖାନାର ପ୍ରଶାସନିକ ବିଲ୍ଡିଂ ସମ୍ମୁଖରେ ଏକ ଭବ୍ୟ ସଭାରେ ନାଲକୋ ପ୍ରଶାସନ ପକ୍ଷରୁ ଏନ୍‌ଏସ୍‌ସିୟୁକୁ ସିକୃତିପତ୍ର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସିପିପିର ଜିଜିଏମ ଅମରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ନାୟକ, ସତ୍ୟବାଦୀ ମିଶ୍ର, ବିଭବ ଜେନା, ସନ୍ତୋଷ କୁମାର ରାଉତ, ପ୍ରସନ୍ନ ସାହୁ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ସହରାଞ୍ଚଳରେ ପ୍ରଥମ ଥର ସିଏମ୍ କିଶାନ୍ ଦରଖାସ୍ତକାରୀ ସଂଖ୍ୟା ୭୦୬




ଭୁବନ,୭ ।୧୨(ସମିସ): କୃଷକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଚାଷୀ ନିଜ ଜମିରେ ଫସଲର ବୀଜବପନ ସମୟରୁ ଅମଳ ମଧ୍ୟରେ ଖର୍ଚ୍ଚ କରୁଥିବା ରାଶିର କେତେକାଂଶରେ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେଉଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ୨୦୧୯ ଜାନୁଆରୀ ୨୫ରେ ପ୍ରଥମ ଥର ଗ୍ରାମାଞ୍ଚଳରେ ବସବାସ କରୁଥିବା ଚାଷୀଙ୍କୁ କାଳିଆ ଯୋଜନାରେ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଥମ ଦୁଇ କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ୧୮ ପଞ୍ଚାୟତର ଚାଷୀଙ୍କ ମଧ୍ୟରୁ ୧୩୩୬୧ ନାମମାତ୍ର ଚାଷୀ ଓ ୬୩୭୫ ଭାଗଚାଷୀଙ୍କୁ ଏହି ସହାୟତା ପ୍ରଦାନ କରାଯାଇ ଆସୁଛି। ତେବେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରେ ଏହି ଯୋଜନାର ନାମ ପରିବର୍ତ୍ତି କରି ସିଏମ୍ କିଶାନ କରିଛି। ସେହିଭଳି କେନ୍ଦ୍ର ସରକାରଙ୍କ ସହଯୋଗରେ ପ୍ରଧାନମନ୍ତ୍ରୀ କିଶାନନିଧି ଯୋଜନାରେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି। ତେବେ ଚଳିତବର୍ଷ ପ୍ରଥମକରି ସହରାଞ୍ଚଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କିଶାନ ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ଭୁବନ ଏନ୍‌ଏସିର ୭୦୬ ଜଣ ଦରଖାସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭୦୫ ଜଣ ନାମମାତ୍ର ଚାଷୀ ଓ ଜଣେମାତ୍ର ଭାଗଚାଷୀ ଅଛନ୍ତି। ସେପ୍ଟେମ୍ବର ୯ରୁ ନଭେମ୍ବର ୯ ଯାଏ ଦରଖାସ୍ତ ଆହ୍ୱାନ କରାଯାଇଥିଲା ବୋଲି ଭୁବନ କୃଷି ଅଧିକାରୀ ଭାଗ୍ୟଧର ସାହୁ ସୂଚନା ଦେଇଛନ୍ତି।

● ଜିକେଇଲ ଏଜେନ୍ସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଦିବାକର ଇଞ୍ଜିନିୟରିଂ ଚାମ୍ପିଅନ

ଢେଙ୍କାନାଳ,୭ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମରେ ପ୍ରତିଷ୍ଠିତ ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡ୍ ଦ୍ୱାର ପ୍ଲାଣ୍ଟର ଏଜେନ୍ସି ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଅଂଶଗ୍ରହଣ କରିଥିବା ୨୩ ଏଜେନ୍ସି ମଧ୍ୟରୁ ୧୦ ଟିମ୍ ଗଠନ କରାଯାଇ ସମୁଦାୟ ୨୩ଟି ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍ ଦିବାକର ଇଞ୍ଜିନିୟରିଂ ଏବଂ ଲେମନ କେୟାର ଓ ଓରିୟନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଦିବାକର ଇଞ୍ଜିନିୟରିଂ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପ୍ଲାଣ୍ଟ ମୁଖ୍ୟ ମନୋଜ ମିଶ୍ର, ଉପମୁଖ୍ୟ ରଘୁନାଥ ପି., ମାନବ ସମ୍ବଳ ବିଭାଗ ମୁଖ୍ୟ ଅମିତେନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଚାମ୍ପିଅନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ଏବଂ ପୁରସ୍କାର ବିତରଣ କରିଥିଲେ। ଜିକେଇଲ ଏଜେନ୍ସି ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ଜାଗ୍ରତ କରିବା ଏବଂ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାପାଇଁ ଜିକେଇଲ ଏହି ପ୍ରୟାସ ଜାରି ରଖିଥିବା ଅତିଥିମାନେ ପ୍ରକାଶ କରିଥିଲେ।


### ସମକାଳୀନ ଶିକ୍ଷା ବ୍ୟବସ୍ଥାରେ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା

କଟକ ସହର ଉପକଣ୍ଠ ବିଦ୍ୟାଧରପୁରଠାରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୦୯ ମସିହାରେ ପ୍ରତିଷ୍ଠାଲାଭ କରିବା ପରଠାରୁ ରାଜ୍ୟ ତଥା ରାଜ୍ୟ ବାହାରର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆଦୃତ ହୋଇପାରିଛି । ଏକ ଶାନ୍ତ, କମନୀୟ ତଥା ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସବୁ ଋତୁକୁ ସୁହାଇବା ଭଳି ପରିସର ଓ ଶ୍ରେଣୀଗୃହ ସୁବିଧା ରହିଛି ।

ଏଠାରେ କୃଷି ଓ ଉଦ୍ୟାନକୃଷି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ (ଆର୍କିଟେକଚର), କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ; ମନସ୍ତତ୍ତ୍ୱ (ସାଇକୋଲୋଜି), ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷା (ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି), ସ୍ୱାସ୍ଥ୍ୟ ଓ ସୁସ୍ଥତା, ପରିଚାଳନା (ମ୍ୟାନେଜମେଣ୍ଟ) ଏବଂ ବିଜ୍ଞାନ ଭଳି ପାଠ୍ୟକ୍ରମ ଉପଲବ୍ଧ ରହିଛି । ଏଥିସହ ବିଶ୍ୱବିଦ୍ୟାଳୟରେ ରହିଛି ଉତ୍ତମ ମାନର ଅନୁସନ୍ଧାନ ଓ ବିକାଶ ବିଭାଗ ।'ଶ୍ରୀ ଶ୍ରୀ ନୂତନ ଧାରଣା ଏବଂ ଉଦ୍ଭାବନ ବିଭାଗ' ନାମରେ ଏହା ଆକାଂକ୍ଷୀ ବିଦ୍ୟାର୍ଥୀମାନଙ୍କୁ ଉନ୍ନତ ମାନର ଗବେଷଣା ନିମନ୍ତେ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଆସୁଛି । ମୁକ୍ତ ଏବଂ ଦୂରନ୍ତର ଶିକ୍ଷା (ଓପନ୍ ଆଣ୍ଡ ଡିଷ୍ଟାନ୍ସ ଲର୍ଣ୍ଣିଂ) ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ (ଏଫଡିପି) ଏବଂ ପରିଚାଳନା ବିକାଶ କାର୍ଯ୍ୟକ୍ରମ (ଏମଡିପି) ମଧ୍ୟ ଉପଲବ୍ଧ ରହିଛି ।

ଏତଦ୍ ବ୍ୟତୀତ ଏଠାରେ ଆୟୁର୍ବେଦ ବିଷୟରେ 'ଆୟୁର୍ବେଦ ଚିକିତ୍ସା ଏବଂ ସର୍ଜରୀର ସ୍ନାତକ' (ବିଏଏମଏସ) ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଛି । ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚିକିତ୍ସାଳୟ ମଧ୍ୟ ରହିଛି, ଯେଉଁଠାରେ ପ୍ରାଚ୍ୟ ଭୂଖଣ୍ଡର ସର୍ବଶ୍ରେଷ୍ଠ ଆୟୁର୍ବେଦ ଏବଂ ଅଷ୍ଟିଓପ୍ୟାଥି ଚିକିତ୍ସା ଉପଲବ୍ଧ ଅଛି । ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶନ କଳାରେ ସ୍ନାତକ (ବିପିଏ) ପାଠ୍ୟକ୍ରମ ଉପଲବ୍ଧ ରହିଛି ।ବିଦ୍ୟାର୍ଥୀମାନେ ଏହି ପାଠ୍ୟକ୍ରମ ଅନ୍ତର୍ଗତ ଓଡ଼ିଶୀ ନୃତ୍ୟ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଆଦି ଶିକ୍ଷାଲାଭ କରି ପାରୁଛନ୍ତି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ୟମାନଙ୍କଠାରୁ ଅଗ୍ରଣୀ ବୋଲି କେବଳ କଥାରେ ବିଶ୍ୱାସ କରେନାହିଁ,ବସ୍ତୁତଃ ଏଠାରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ସଫଳତା ହିଁ ସେକଥାକୁ ବ୍ୟାଖ୍ୟା କରିଥାଏ । ଏଠାରେ ଅଧ୍ୟୟନ କରିବା ସମୟରୁ ହିଁ 'ପରିସର ମନୋନୟନ' ଜରିଆରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଯଥା- ଆକ୍ସିସ୍ ବ୍ୟାଙ୍କ, ଡାବର, ଡେରାଇଟି, ଫୋନ୍-ପେ, ବର୍ଜର ପେଣ୍ଟ, ପଲିସୀ ବାଜାର, ଫ୍ଲିପ୍ କାର୍ଟ,କେପିଏମଜି, ଡେଲଏଟ୍, ପିଡିଲାଇଟ୍, ବ୍ୟାଙ୍କ ଅଫ୍ ଆମେରିକା ଏବଂ ଆହୁରି ଅନେକ ପ୍ରମୁଖ କମ୍ପାନୀ ଉଚ୍ଚ ବେତନରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛନ୍ତି, ଯାହା ବିଶ୍ୱବିଦ୍ୟାଳୟର ମାନକୁ ବହୁଗୁଣିତ କରିଛି ।

ଯଥାର୍ଥରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରଠାରୁ ଆଜିପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସାଙ୍ଗକୁ ସେମାନଙ୍କ ଭବିଷ୍ୟତ ଜୀବନକୁ ସୁସଂଗଠିତ କରି ଗଢ଼ି ତୋଳିବାରେ ଆଦୌ ହେଳା କରିନାହିଁ । ସେଇଥିପାଇଁ ତ' ଦିନ ବିତିବା ସାଙ୍ଗକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସୁଗନ୍ଧ ରାଜ୍ୟ ଓ ଦେଶର ସୀମା ଡେଇଁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରିଛି ।

ଶ୍ରୀ ଶ୍ରୀ ବିଶ୍ୱବିଦାଳୟ ସମ୍ପର୍କରେ ଅଧିକ ଜାଣିବା ପାଇଁ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ ।
ଫୋନ୍- ୭୮୯୪୪୨୪୫୬୨

ADVT


ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର

# ରାଜ୍ୟପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୭ ।୧୨(ସମିସ)

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଦିଗରେ ପଦକ୍ଷେପ ନେବାକୁ ଢେଙ୍କାନାଳ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର କର୍ମକର୍ତ୍ତାମାନେ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ବାଲାଂଦେଶରେ ବଂଶାନୁକ୍ରମିକ ଭାବେ ବସବାସ କରିଆସୁଥିବା ହିନ୍ଦୁମାନଙ୍କ ତଥା ସମସ୍ତ ଅଳ୍ପସଂଖ୍ୟକ ନାରଗିକଙ୍କ ଉପରେ ଇସଲାମିକ କଟ୍ଟରପନ୍ଥୀଙ୍କ ଦ୍ୱାରା ଆକ୍ରମଣ, ହତ୍ୟା, ଲୁଟ, ଅଗ୍ନିକାଣ୍ଡ ତଥା ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ଫଳରେ ସେଠାରେ ହିନ୍ଦୁ ଜୀବନଜୀବିକା ଉପରେ ବିପଦ ସୃଷ୍ଟି କରିଛି। ବର୍ତ୍ତମାନର ବାଂଲାଦେଶ ସରକାର ତଥା ସରକାରୀ ସୁରକ୍ଷା ସଂସ୍ଥାଗୁଡ଼ିକ ଏହାକୁ ପ୍ରତିହତ ନ କରି ନିରବଦ୍ରଷ୍ଟା ସାଜିଛନ୍ତି। ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ନେତୃତ୍ୱ ନେଉଥିବା ଇସ୍କନର ସନ୍ନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ ସେଠାକାର ସରକାର ଦେଶଦ୍ରୋହ ମାମଲାରେ ଜେଲ୍ ପଠାଇ ଦେଇଛନ୍ତି। ଏହାକୁ ନେଇ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ସାଧୁସନ୍ଥ, ବୁଦ୍ଧିଜୀବୀ, ଧାର୍ମିକ ସଙ୍ଗଠନ ତଥା ଜନସାଧାରଣଙ୍କ ତରଫରୁ ଇସ୍କନ ସନ୍ନ୍ୟାସୀ ଚିନ୍ମୟ ଦାସଙ୍କୁ କାରାଗାରରୁ ମୁକ୍ତ କରି ତାଙ୍କ ନାମରେ ହୋଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର, ହିନ୍ଦୁ ଓ ସଂଖ୍ୟାଲଘୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ, ଶାନ୍ତପୂର୍ଣ୍ଣ ସହାବସ୍ଥାନ, ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାରରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଅନ୍ତର୍ଜାତୀୟ ମାନବିକ ଅଧିକାର ସଂସ୍ଥା ଓ ମିଳିତ ଜାତିସଙ୍ଘ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସେଠାକାର ସରକାର ଉପରେ ଚାପ ପ୍ରୟୋଗ କରି ଏହାକୁ ବନ୍ଦ କରିବାକୁ ଦାବି କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୭୫ ● ପାଉଣ୍ଡ ୧୦୮.୧୨
- ୟୁରୋ ୮୯.୭୨ ● ୟେନ୍ ୦.୫୬

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୭୦୯.୦୦
- ନିଫ୍ଟି ୨୪,୬୭୭.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୧,୫୬୦ (ନୂଆଦିଲ୍ଲୀ)
- ରୁପା : ୯୨,୧୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା ନାଗେଶ୍ୱରନ୍‌ଙ୍କ ଚେତାବନୀ

# ଲାଭ ବେଶି; ଦରମା କମ୍ ଦେଉଛନ୍ତି କମ୍ପାନୀ

- ତାଲିକାଭୁକ୍ତ କମ୍ପାନୀଙ୍କ ଲାଭ ୧୫ ବର୍ଷରେ ସର୍ବାଧିକ
- ଦରମା ବୃଦ୍ଧିକୁ ମନ୍ଥର କରିଦିଆଯାଇଛି
- ଏଭଳି ସ୍ଥିତି ଅର୍ଥବ୍ୟବସ୍ଥା ପାଇଁ କ୍ଷତିକାରକ
- ସଠିକ୍ ସନ୍ତୁଳନ ରଖିବାକୁ ନିବେଦନ କଲେ ସିଇଏ



ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି)

ଭାରତର ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) ଭି ଅନନ୍ତ ନାଗେଶ୍ୱରନ ବଡ଼ ଚେତାବନୀ ଦେଇଛନ୍ତି। କମ୍ପାନୀଗୁଡିକ ଅଧିକ ଲାଭ ପାଉଛନ୍ତି। ମାତ୍ର କର୍ମଚାରୀଙ୍କୁ ଦେଲାବେଳକୁ କମ୍ ଦରମା ଦେଉଛନ୍ତି ବୋଲି କହିଛନ୍ତି। ଏହି ସ୍ଥିତି ଅର୍ଥବ୍ୟବସ୍ଥା ପାଇଁ କ୍ଷତିକାରକ। ମୋଟ ଘରୋଇ ଉତ୍ପାଦ (ଜିଡିପି) ହ୍ରାସ, ଦରଦାମ ବୃଦ୍ଧି ଏବଂ ସହରୀ ଚାହିଦା କମ୍ ହେବା ମଧ୍ୟରେ ଦରମା ବୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଉଛି। ଘରୋଇ କ୍ଷେତ୍ରରେ ଅଧିକ ଲୋକଙ୍କୁ ନିଯୁକ୍ତି ଦେବା, କ୍ୟାପିଟାଲ ଇନ୍‌ସେନ୍‌ଟିଭ ଏବଂ ଲେବର ଇନ୍‌ସେନଟିଭ ଗ୍ରୋଥ ମଧ୍ୟରେ ସଠିକ୍ ସନ୍ତୁଳନ ବଜାୟ ରଖିବାକୁ ସେ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ତାଲିକାଭୁକ୍ତ କମ୍ପାନୀଙ୍କ ଲାଭ ଜିଡିପି ପ୍ରତିଶତ ଭାବେ ୧୫ ବର୍ଷର ସର୍ବୋଚ୍ଚସ୍ତରରେ ପହଞ୍ଚି ଯାଇଛି। କିନ୍ତୁ ଦରମା ବୃଦ୍ଧି ମନ୍ଥର ହୋଇଯାଇଛି।

ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ କରୋନା ମହାମାରୀ ପରେ ପ୍ରଥମ ଥର ପାଇଁ ଗତ ତ୍ରୈମାସିକରେ ଭାରତରେ ଦରମା ହ୍ରାସ ପାଇଥିଲା। ଏହା ଦ୍ୱାରା ଉପଭୋକ୍ତା ବ୍ୟୟ ଏବଂ କର୍ପୋରେଟ ଲାଭ ଉପରେ ପ୍ରଭାବ ପଡ଼ିଥିଲା। ସିଇଏ ନାଗେଶ୍ୱରନ କହିଛନ୍ତି ଯେ କମ୍ପାନୀଗୁଡିକର ଆୟର ଏକ ଉଚିତ ଅଂଶ ଲାଭ ଭାବେ ଏବଂ କର୍ମଚାରୀଙ୍କୁ ଦରମା ଦିଆଯିବା ଉଚିତ। ଯଦି ଏପରି ନ ହୁଏ ତେବେ କମ୍ପାନୀଙ୍କ ଉତ୍ପାଦ କ୍ରୟ କରିବାରେ ଚାହିଦା ବଢ଼ିବ ନାହିଁ। ଆୟ ବୃଦ୍ଧି ଦ୍ୱାରା ଚାହିଦା ଏବଂ ସଞ୍ଚୟକୁ ପ୍ରୋତ୍ସାହନ ମିଳିଥାଏ। ଏହା ଦ୍ୱାରା ଆର୍ଥିକ ବୃଦ୍ଧି ଘଟିଥାଏ। ଅନ୍ୟ ଅର୍ଥରେ କହିବାକୁ ଗଲେ ଦରମା ନ ଦେବା କିମ୍ବା ପର୍ଯ୍ୟାପ୍ତ ଶ୍ରମିକଙ୍କୁ ଚାକିରିରେ ନ ରଖିବା ଦ୍ୱାରା କର୍ପୋରେଟ କ୍ଷେତ୍ର ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ହାନିକାରକ ସାବ୍ୟସ୍ତ ହେବ। ଏହାକୁ ନେଇ ସେ ଅର୍ଥଶାସ୍ତ୍ରୀ ଆଡାମ ସ୍ମିଥଙ୍କ ଲିଖିତ ପୁସ୍ତକର ଉଦାହରଣ ମଧ୍ୟ ଦେଇଛନ୍ତି।

ମୋତିଲାଲ ଓସୱାଲ ରିପୋର୍ଟ ଅନୁଯାୟୀ ନିଫ୍ଟି-୫୦୦ କମ୍ପାନୀଙ୍କ ଲାଭ ଗତ ଆର୍ଥିକ ବର୍ଷରେ ଜିଡିପିର ୪.୮ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏହା ୨୦୦୭-୦୮ ପରେ ସର୍ବାଧିକ ଥିଲା। ତେବେ ସିଇଏ ସ୍ୱୀକାର କରିଛନ୍ତି ଯେ କମ୍ପାନୀ ନିଜ ଲାଭର ଏକ ଅଂଶରୁ ଋଣ ପରିଶୋଧ କରିଛନ୍ତି। ଏଥିଯୋଗୁଁ ବାଲାନ୍ସ ସିଟ୍ ଭଲ ରହିଛି। କିନ୍ତୁ ପୁଞ୍ଜି ନିର୍ମାଣ ଏବଂ ନିଯୁକ୍ତି ବୃଦ୍ଧି ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାର ସମୟ ଆସିଯାଇଛି। ସୂଚନାଯୋଗ୍ୟ ଯେ ଗତ ତ୍ରୈମାସିକରେ ଦରମା ହ୍ରାସ ଯୋଗୁଁ ଅର୍ଥବ୍ୟବସ୍ଥାର ଗତି ମନ୍ଥର ହୋଇଯାଇଥିଲା। ଏଥିଯୋଗୁଁ ଲୋକେ ଖର୍ଚ୍ଚ କମ୍ କରି ଦେଇଥିଲେ। ଗତ ତିନି ଚାରି ମାସରେ ସହରୀ ଖର୍ଚ୍ଚ ହ୍ରାସ ଦ୍ୱାରା ସାମଗ୍ରୀ ଚାହିଦା ହ୍ରାସ ପାଇନାହିଁ, ବରଂ ଦୀର୍ଘକାଳୀନ ଆର୍ଥିକ ସଫଳତାର ଗଠନମୂଳକ ପ୍ରକୃତି ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

### ପାରାଦୀପରେ ସିଆଇଆଇ ଏମ୍‌ଏସ୍‌ଏମ୍‌ଇ ବୈଠକ

# ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧିକୁ ନୂଆ ବୁଷ୍ଟର୍



ପାରାଦୀପ, ୭।୧୨ (ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡ଼ିଶା ଚାପ୍ଟର ପକ୍ଷରୁ ପାରାଦୀପ ପୋର୍ଟ ଅଥୋରିଟି କ୍ୟାମ୍ପସର ବିଜୁ କନ୍‌ଭେନ୍‌ଶନ ସେଂଟରଠାରେ ସିଆଇଆଇ ଏମ୍‌ଏସ୍‌ଏମ୍‌ଇ କନେକ୍ଟ ୨୦୨୪ର ଆୟୋଜନ କରାଯାଇଛି। 'ଭେଣ୍ଡର କନେକ୍ଟ ସିରିଜ: ଏକ୍ସପାଣ୍ଡିଙ୍ଗ୍ ବିଜ୍‌ନେସ୍ ହରାଇଜୋନ୍ସ' ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଓଡ଼ିଶାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବୃହତ୍ ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇଗୁଡିକ ମଧ୍ୟରେ ମଜବୁତ ସହଭାଗିତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଛି। ଏଥିରେ ଓଡ଼ିଶା ଶିଳ୍ପ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ପାରାଦୀପର ରଣନୈତିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପାରାଦୀପର ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ଏକ ଜାତୀୟ ଓ ଅନ୍ତର୍ଜାତୀୟ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିବାକୁ ସେ ଗୁରୁତ୍ୱ ଦେଇଥିଲେ।

ସେହିପରି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଡ଼ିଶାର ରପ୍ତାନୀ ଅର୍ଥନୀତି ପ୍ରତି ଏହି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ କହିଥିଲେ। ଏମ୍‌ଏସ୍‌ଏମ୍‌ଇ ରପ୍ତାନୀର ଓଡ଼ିଶାର ମୋଟ ରପ୍ତାନୀରେ ୪୫% ଯୋଗଦାନ ରହିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଷ୍ଟାର୍ଟଅପଗୁଡ଼ିକୁ ସମର୍ଥନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଷ୍ଟାର୍ଟଅପ୍ ଗ୍ରୋଥ୍ ଫଣ୍ଡ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ।

ରାଜ୍ୟରେ ଏମଏସଏମଇ କ୍ଷେତ୍ରର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଥିଲେ। ଏହି ପ୍ରୟାସର ଏକ ଅଂଶ ଭାବ ଝାରସୁଗୁଡ଼ା ଓ ଅନୁଗୁଳ ସମେତ ବିଭିନ୍ନ ଜିଲ୍ଲାରେ ଏମଏସଏମଇ ସଂଯୋଗ କାର୍ଯ୍ୟକ୍ରମ ଆୟୋଜନ କରୁଛୁ। ଗଞ୍ଜାମ, ରାୟଗଡ଼ା ଏବଂ କଳାହାଣ୍ଡିରେ ଏପରି କରାଯିବ। ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନସିଲର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଶିଳ୍ପ ସଂସ୍ଥା ଓ ସେମାନଙ୍କର ଯୋଗାଣ ଶୃଙ୍ଖଳା ସହଯୋଗୀଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ଦୂର କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ।

ପାରାଦୀପ ବନ୍ଦରର ଅଧ୍ୟକ୍ଷ ପିଏଲ ହରନାଧ, ଇଣ୍ଡିଆନ ଅଏଲ କର୍ପୋରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌଶିକ ବାସୁ, ଜେଏସଡବ୍ଲୁ ବିପିଏସଏଲ ୱାର୍କସର ବାଣିଜ୍ୟ ମୁଖ୍ୟ ଗିରିଶ ନାୟକ ଏବଂ ପାରାଦୀପ ଫସଫେଟ୍‌ସ ଲିମିଟେଡର ସିଏମଓ ତଥା ୟୁନିଟ୍ ମୁଖ୍ୟ ପଲାନିସ୍ୱାମୀ ଭେଲୁସାମୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ୨ୟ ରେଳ ଇଣ୍ଡିଆ ଫୋରମ୍



ନୂଆଦିଲ୍ଲୀ, ୭।୧୨ (ସମିସ)

ଇଣ୍ଡିଆନ୍ ଚାମ୍ବର୍ ଅଫ୍ କମର୍ସ (ଆଇସିସି) ପକ୍ଷରୁ ଶୁକ୍ରବାର ନୂଆଦିଲ୍ଲୀଠାରେ 'ରେଲୱେ ଇନ୍ ମୋସନ୍: ଭିଜନ ୨୦୩୦ରୁ ବିକଶିତ ଭାରତ ୨୦୪୭' ଶୀର୍ଷକ ଦ୍ୱିତୀୟ ରେଳ ଇଣ୍ଡିଆ ଫୋରମ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରାଳୟ ଅଧିନରେ ଥିବା ଗତିଶକ୍ତି ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ଡ.ମନୋଜ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଫୋରମରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ଯୁଗ୍ମ ସଚିବ ଡ. ସୁରେନ୍ଦ୍ର କୁମାର ଅହିରୱାର, ଆଇସିସିର ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ, ଜାତୀୟ ରେଳ କମିଟି ଆଇସିସିର ଅଧ୍ୟକ୍ଷ ତଥା ଜୁପିଟର ୱାଗନ୍ସର ନିର୍ଦ୍ଦେଶକବିକାଶ ଲୋହିଆଙ୍କ ଭଳି ବିଶିଷ୍ଟ ନୀତି ନିର୍ଦ୍ଧାରକ, ଶିଳ୍ପପତି ତଥା ବୈଷୟିକ ବିଶେଷଜ୍ଞ ଏବଂ ଅନ୍ୟ ପ୍ରମୁଖ ଅଂଶୀଦାର ଏକତ୍ରିତ ହୋଇଥିଲେ। ଏଥିରେ ଏକ ଆଧୁନିକ, ସ୍ଥାୟୀ ଏବଂ ସୁଦୃଢ଼ ରେଳ ଇକୋସିଷ୍ଟମ ନିର୍ମାଣ ଉପରେ ବିଚାର ଉପସ୍ଥାପନ କରିଥିଲେ। ଆଇସିସିର ଅଧ୍ୟକ୍ଷ ଅଭ୍ୟୁଦୟ ଜିନ୍ଦଲ ସ୍ୱାଗତ ଭାଷଣ ଦେଇ ରେଳବାଇର ଉପଲବ୍ଧି ବିଷୟରେ ବର୍ଣ୍ଣନା କରି ସଫଳତା ପାଇଁ ଖୁସି ପ୍ରକଟ କରିଥିଲେ। ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି କହିଥିଲେ। ଦେଶ ଏ ଦିଗରେ ଅଗ୍ରସର ହେଉଥିବାବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଉତ୍ପାଦନ ଏବଂ ଯୋଗାଣ ଲାଗି ଅଧିକ ଶିଳ୍ପାଞ୍ଚଳ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡ଼ ଚୌଧୁରୀ କହିଥିଲେ ଯେ 'ରେଳବାଇର ଆଧୁନିକୀକରଣରେ ବହୁତ ଅଧିକ ଅଭିବୃଦ୍ଧି ଘଟିବ। ବିକଶିତ ଭାରତ ଦୃଷ୍ଟିକୋଣରୁ ବିକାଶ ସମାବେଶୀ ହେବା ଆବଶ୍ୟକ। ଏହାର ଦୁଇଟି ଦିଗ ଅଛି - ଯାତ୍ରୀ ଏବଂ ମାଲ୍ ପରିବହନ। ଯାତ୍ରାକୁ ସହଜ ଏବଂ ସୁଲଭ କରିବାକୁ ବନ୍ଦେ ଭାରତ ଭଳି ନୂତନ ଟ୍ରେନର ଆରମ୍ଭ କରି ୧୦୦ ରୁ ଅଧିକ ଟ୍ରେନ୍ ଚଳାଚଳ କରାଗଲାଣି। ଦ୍ୱିତୀୟଟି ମାଲ ପରିବହନ ଟ୍ରାଫିକ୍ ସହିତ ଜଡିତ। ଅର୍ଥନୈତିକ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ। ଉଭୟ ଘରୋଇ ମୂଲ୍ୟ ନିୟନ୍ତ୍ରଣରେ ଅଛି। ଦେଶର ରପ୍ତାନି ପ୍ରତିଦ୍ୱନ୍ଦ୍ୱିତା ଉପରେ ମଧ୍ୟ ନଜର ରଖାଯାଇଛି। ସେହିପରି ଡ. ଅହିରୱାର ନୂତନ ଜ୍ଞାନ, ଅନୁସନ୍ଧାନ ଏବଂ ବିକାଶର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ଏହି ଫୋରମରେ ସୁରକ୍ଷା ଏବଂ ସୁଲଭତାକୁ ପ୍ରାଥମିକତା ଦେଇ ରେଳ ଯାତ୍ରୀଙ୍କ ଅନୁଭୂତିକୁ ଉନ୍ନତ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା।

# ଆମେରିକା-ଚୀନ୍ ମଧ୍ୟରେ ଆର୍ଥିକ ଲଢ଼େଇ ଆରମ୍ଭ

ବେଜିଂ, ୭।୧୨ (ଏଜେନ୍ସି): ଚୀନ୍‌କୁ ଧମକ ଦେଇ ଆସୁଥିବା ଆମେରିକା ପଛରେ ପଡ଼ି ଯାଇଛି। ୱାଶିଂଟନ୍‌କୁ ବେଜିଂ ବଡ଼ ଝଟ୍‌କା ଦେଇଛି। ଆମେରିକା ପୂର୍ବରୁ ଡ୍ରାଗନ କିଛି ସ୍ୱତନ୍ତ୍ର ଧାତୁର ରପ୍ତାନୀ ଉପରେ କଟକଣା ଲଗାଇ ଦେଇଛି। ଏହି ଧାତୁ ସ୍ମାର୍ଟଫୋନ, ଇଲେକ୍ଟ୍ରିକ୍ ଗାଡ଼ି, ରାଡାର, ସିଟି ସ୍କାନର ଭଳି ଉପକରଣରେ ବ୍ୟବହାର କରାଯାଇଥାଏ। ଚୀନ୍ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସବୁ କମ୍ପାନୀ ଆଡଭାନ୍ସଡ କମ୍ପ୍ୟୁଟର ଚିପ୍ ନିର୍ମାଣ କରୁଥିଲେ। ଏହାକୁ ବାଣିଜ୍ୟିକ ଉତ୍ତେଜନା ବୃଦ୍ଧିର ଫଳ ଭାବେ ଦେଖାଯାଉଛି। ଏହା ଦ୍ୱାରା ଚୀନ୍ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମଧ୍ୟ ଝଟ୍‌କା ଦେଇଛି। ପୂର୍ବରୁ ଚୀନ୍ ସାମଗ୍ରୀ ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବାକୁ ଟ୍ରମ୍ପ ଧମକ ଦେଇଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଚୀନ୍ ଗ୍ୟାଲିୟମ, ଜର୍ମେନିୟମ ଏବଂ ଏଣ୍ଟିମନି ନାମକ ତିନୋଟି ସ୍ୱତନ୍ତ୍ର ଧାତୁ ଉପରେ ରପ୍ତାନୀ କଟକଣା ଲଗାଇ ଦେଇଛି। ଗ୍ୟାଲିୟମ ଦେଖିବାକୁ ଆଲୁମିନିୟମ ପରି। ଏହା ରୁପା ଭଳି ଚମକୁ ଥାଏ। ଏହି ସବୁ ଧାତୁ ଆମେରିକାର ପ୍ରତିରକ୍ଷା ଉଦ୍ୟୋଗ ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ। ଏହା ପ୍ରତିରକ୍ଷା, ଅକ୍ଷୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଧାତୁର ବ୍ୟବହାର କରି ଆଡଭାନ୍ସଡ ସେମିକଣ୍ଡକ୍ଟର ପ୍ରସ୍ତୁତ କରାଯାଇଥାଏ। ଚୀନ୍ ଏହି ସବୁ ଧାତୁର ସବୁଠାରୁ ବଡ଼ ଉତ୍ପାଦକ।

# ୩୮ ହଜାର କୋଟିର ଠକେଇ: କ୍ରିପ୍ଟୋକ୍ୱିନ୍ ଗାଏବ୍



ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି): କ୍ରିପ୍ଟୋକରେନ୍ସି ରକେଟ୍ ପରି ବଢ଼ିବାରେ ଲାଗିଛି। ବିଟ୍‌କଏନ ସମେତ ଅନେକ ପ୍ରମୁଖ କ୍ରିପ୍ଟୋର ମୂଲ୍ୟ ଆକାଶ ଛୁଇଁଛି। ନିବେଶକ ଧନୀ ହୋଇ ଚାଲିଛନ୍ତି। ଏହା ମଧ୍ୟରେ ଜଣେ ମହିଳା ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ନାମ ରୁଜା ଇଗ୍‌ନାଟୋଭା। ସେ ଶହେ କି ହଜାରେ ନୁହେଁ, ୩୮ ହଜାର କୋଟି ଟଙ୍କାର କ୍ରିପ୍ଟୋକରେନ୍ସି ନେଇ ଗାଏବ ହୋଇ ଯାଇଛନ୍ତି। ତାଙ୍କର କୌଣସି ଖୋଜ ଖବର ମିଳୁନାହିଁ। ଏବେ ଆମେରିକା ପୁଲିସ ତାଙ୍କ ସୂଚନା ଦେବା ପାଇଁ ୪୨ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। ବୁଲ୍‌ଗେରିଆରେ ଜନ୍ମିତ ୪୪ ବର୍ଷୀୟ ରୁଜା ବିଶ୍ୱର ମୋଷ୍ଟ ୱାଣ୍ଟେଡ ଅପରାଧୀ। ୪.୫ ବିଲିୟନ ଡଲାର କ୍ରିପ୍ଟୋକରେନ୍ସି ଦୁର୍ନୀତିର ସେ ଅଭିଯୁକ୍ତ। ରୁଜା ୨୦୧୭ରୁ ନିଖୋଜ ଅଛନ୍ତି। ତାଙ୍କ ବିରୋଧରେ ଆମେରିକାରେ ମାମଲା ରୁଜୁ ହୋଇଛି। ଏଫ୍‌ବିଆଇ ତାଙ୍କୁ ପଳାତକ ଘୋଷଣା କରିଛି। ଶେଷ ଥର ପାଇଁ ରୁଜାଙ୍କୁ ଗ୍ରୀସ୍‌ର ଏଥେନ୍ସ ବିମାନବନ୍ଦରରେ ଦେଖା ଯାଇଥିଲା। ସେ ରୁଷ୍‌ରେ ଲୁଚିଥିବା କୁହାଯାଉଛି। ରୁଜା ନିଖୋଜ କ୍ରିପ୍ଟୋକ୍ୱିନ୍ ଭାବେ ମଧ୍ୟ ପରିଚିତ। ରୁଜାଙ୍କ ବିରୋଧରେ ଅନେକ ଦୁର୍ନୀତି ଅଭିଯୋଗ ରହିଛି। ଏହା ମଧ୍ୟରେ କ୍ରିପ୍ଟୋ କରେନ୍ସି ସବୁଠୁ ବଡ଼ ଦୁର୍ନୀତି। ସେ ୨୦୧୪ରେ 'ୱାନ୍‌କଏନ ଲିମିଟେଡ' ପ୍ରତିଷ୍ଠା କରିଥିଲା। ଏହି କମ୍ପାନୀ ନାମରେ ସେ ଏକ କ୍ରିପ୍ଟୋ କରେନ୍ସି ଆରମ୍ଭ କରିଥିଲେ। ସେ ମିଛ ପ୍ରତିଶ୍ରୁତି ଦେଇ ପିରାମିଡ୍ ସ୍କିମରେ ଲୋକଙ୍କୁ ନିବେଶ କରାଇ ଥିଲେ। ନିବେଶ ନାମରେ ଅନେକ ପ୍ୟାକେଜ ମଧ୍ୟ ଉପସ୍ଥାପନ କରିଥିଲେ। ଏଥିଯୋଗୁଁ ୪୦୦ରୁ ଅଧିକ ଲୋକ ପ୍ରାୟ ୪.୫ ବିଲିୟନ ଡଲାର ତଥା ୩୮ ହଜାର କୋଟି ଟଙ୍କା ନିବେଶ କରିଥିଲେ। ସେ ଏହି ସବୁ ଟଙ୍କା ନେଇ ୨୦୧୭ରୁ ପଳାଇ ଥିଲେ।

### ରାହୁଲଙ୍କ ଦାବି; ନୂଆ ଟିକସ ସ୍ଲାବ୍ ଆଣିବାକୁ ମସୁଧା କରୁଛି କେନ୍ଦ୍ର

# ଗରିବ, ମଧ୍ୟବିତ୍ତଙ୍କୁ ଲୁଟି ପୁଞ୍ଜିପତିଙ୍କୁ ଦେଉଛନ୍ତି ରିଆତି





ବଢୁଛି ଲୋକଙ୍କ ଆର୍ଥିକ ବୋଝ

ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି)

ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଟିକସ ନୀତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ଏନ୍‌ଡିଏ ସରକାରଙ୍କୁ ଘେରିଛନ୍ତି। ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଦାୟ କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ସରକାର ନୂଆ ଟିକସ ସ୍ଲାବ ଆଣିବାକୁ ପ୍ରସ୍ତୁତି କରୁଥିବା ରାହୁଲ ଦାବି କରିଛନ୍ତି। ଆବଶ୍ୟକୀୟ ସାମଗ୍ରୀ ଉପରେ ଜିଏସ୍‌ଟି ବଢ଼ାଇବାକୁ ସରକାର ମସୁଧା କରୁଛନ୍ତି। ପୁଞ୍ଜିପତିଙ୍କୁ ରିଆତି ଦେଇ ଗରିବ ଏବଂ ମଧ୍ୟବିତ୍ତଙ୍କୁ ଲୁଟାଯାଉଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଶନିବାର କହିଛନ୍ତି ଯେ ସରକାର କ୍ରମାଗତ ଭାବେ ସାଧାରଣ ଜନତାଙ୍କ ଉପରେ ଟିକସ ବୋଝ ବଢ଼ାଇ ଚାଲିଛନ୍ତି। କିନ୍ତୁ ଶିଳ୍ପପତିଙ୍କୁ ଟିକସରେ ଆଶ୍ୱସ୍ତି ଦେଇ ଚାଲିଛନ୍ତି। ରଣଛାଡ଼ କରୁଛନ୍ତି। କର୍ପୋରେଟ ଟ୍ୟାକ୍ସ ଏବଂ ଆୟକର ମଧ୍ୟରେ ବ୍ୟବଧାନକୁ ଦୃଷ୍ଟିରେ ରଖି ରାହୁଲ ଏହାକୁ ଘୋର ଅନ୍ୟାୟ କହିଛନ୍ତି। ସରକାର ଗବର ସିଂହ ଟ୍ୟାକ୍ସ (ଜିଏସ୍‌ଟି) ନାମରେ ଗରିବ ଏବଂ ମଧ୍ୟବିତ୍ତ ପରିବାରର ଉପାର୍ଜିତ ଧନକୁ ନିଶାଣ କରୁଛନ୍ତି। ଏଭଳି ଅନ୍ୟାୟକୁ କଂଗ୍ରେସ ସହିବ ନାହିଁ। ଏହା ବିରୋଧରେ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରାଯିବ। ଏହି ଲୁଟ୍‌କୁ ବନ୍ଦ କରିବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଯିବ ବୋଲି କହିଛନ୍ତି।

ରାହୁଲ ଏକ ଗ୍ରାଫ ସେୟାର କରିଛନ୍ତି। ଏଥିରେ ଜିଏସ୍‌ଟି, କର୍ପୋରେଟ ଟ୍ୟାକ୍ସ ଏବଂ ଇନକମ୍ ଟ୍ୟାକ୍ସ ବିଷୟରେ ସୂଚନା ଦିଆଯାଇଛି। ତିନୋଟି ଯାକ କ୍ଷେତ୍ରରୁ ଆଦାୟ ରାଶି ମଧ୍ୟରେ ବହୁତ କମ୍ ବ୍ୟବଧାନ ରହିଛି। ୨୦୧୯-୨୦ରେ ୫, ୯୮, ୭୪୯ କୋଟି ଟଙ୍କାର ଜିଏସ୍‌ଟି, ୫, ୫୬, ୮୭୬ କୋଟି ଟଙ୍କାର କର୍ପୋରେଟ ଟ୍ୟାକ୍ସ, ୪, ୯୨, ୬୫୪ କୋଟି ଟଙ୍କାର ଆୟକର ଆଦାୟ କରାଯାଇଥିଲା। ୨୦୨୪-୨୫ରେ ୧୦, ୨୦, ୭୦୦ କୋଟି ଟଙ୍କାର କର୍ପୋର୍ଟେ ଟ୍ୟାକ୍ସ, ୧୦, ୬୧, ୮୯୯ ଟଙ୍କାର ଜିଏସଟି ଏବଂ ୧୧, ୮୭, ୦୦୦ କୋଟି ଟଙ୍କାର ଆୟକର ଆଦାୟ ହୋଇଥିଲା। ଏହାକୁ ନେଇ ଅରବପତି ମାଲେମାଲ ଏବଂ ଜନତା ବେହାଲ କାହିଁକି ବୋଲି ରାହୁଲ ପ୍ରଶ୍ନ ପଚାରିଛନ୍ତି। ସେ କହିଛନ୍ତି ଯେ ଏବେ ବିବାହ ଋତୁ ଚାଲିଛି। ଏହି ବିବାହ ପାଇଁ ଲୋକେ ଆଜୀବନ ଟଙ୍କା ସଞ୍ଚୟ କରିଛନ୍ତି। କିନ୍ତୁ ସରକାର ୧୫୦୦ରୁ ଅଧିକ ଟଙ୍କାର ପୋଷାକ ଉପରେ ଜିଏସ୍‌ଟି ୧୨% ରୁ ୧୮ ପ୍ରତିଶତକୁ ବୃଦ୍ଧି କରିବାକୁ ଯାଉଛନ୍ତି। ଆରବପତିଙ୍କ ଋଣ ଛାଡ଼ କରିବାକୁ ଏପରି କରାଯାଉଛି। ଏହି ଅନ୍ୟାୟ ବିରୋଧରେ ଲଢ଼େଇ କରାଯାଉଛି। ଟିକସ ବୋଝ ବିରୋଧରେ ସ୍ୱର ଉଠାଯିବ।

# ଉତ୍କୃଷ୍ଟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଆଇଆଇଟି ରୁର୍‌କୀ ସହ ପାୱାରଗ୍ରୀଡ୍‌ର ଚୁକ୍ତି



ଗୁରୁଗ୍ରାମ, ୭।୧୨ (ସମିସ): ସରକାରୀ କମ୍ପାନୀ ପାୱାର ଗ୍ରୀଡ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ପାୱାରଗ୍ରୀଡ) ଶୁକ୍ରବାର ଆଇଆଇଟି ରୁର୍‌କୀ ସହ ୨୦.୭୩ କୋଟି ଟଙ୍କାର ସିଏସ୍‌ଆର ଯୋଗଦାନ ଲାଗି ଚୁକ୍ତି ସ୍ୱାକ୍ଷର କରିଛି। ଏହା ଅଧିନରେ ପ୍ରତିଷ୍ଠାନର କମ୍ପ୍ୟୁଟର କେନ୍ଦ୍ରରେ ତିନୋଟି ଅତ୍ୟାଧୁନିକ ଉତ୍କୃଷ୍ଟ କେନ୍ଦ୍ର (ସିଓଇ) ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ନବୋନ୍ମେଷକୁ ପ୍ରୋତ୍ସାନହ ଦିଆଯିବ। ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ପାୱାରଗ୍ରୀଡର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଆର.କେ ତ୍ୟାଗୀ, ନିର୍ଦ୍ଦେଶକ (କାର୍ମିକ) ଡ. ୟତିନ୍ଦ୍ର ଦ୍ୱିବେଦୀ, ନିର୍ଦ୍ଦେଶକ ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ପ୍ରକଳ୍ପ) ଭାମସୀ ରାମମୋହନ ବୁରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିସି-ସିଏମଜି) ବିକ୍ରମ ସିଂହ ଭାଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିଏସଆର ଆଣ୍ଡ ଏସଆର-୧) ଏ ନାଗାରାଜୁ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିଟିୟୁଆଇଏଲ) ଜସବୀର ସିଂହ, ଆଇଆଇଟି ରୁରକୀର ନିର୍ଦ୍ଦେଶକ ପ୍ରଫେସର କେକେ ପନ୍ତ ଏବଂ ପ୍ରତିଷ୍ଠାନର କମ୍ପ୍ୟୁଟର କେନ୍ଦ୍ର ମୁଖ୍ୟ ପ୍ରଫେସର ସତୀଶ କୁମାର ପେଡୋଜୁଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପାୱାରଗ୍ରୀଡର ବରିଷ୍ଠ ଜିଏମ (ସିଏସଆର) ଅରବିନ୍ଦ କୁମାର ରାୟ ଏବଂ ଆଇଆଇଟି ରୁରକୀର ରିସୋର୍ସେସ ଆଣ୍ଡ ଆଲୁମିନି ଡିନ୍ ପ୍ରଫେସର ଆର.ଡି ଗର୍ଗ ଏହି ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହା ଅଧିନରେ କ୍ୟାମ୍ପସରେ ୟୁଏଚଏସ ନେଟୱାର୍କ ଲାଗି ଏକ କମାଣ୍ଡ-ଆଣ୍ଡ-କଣ୍ଟ୍ରୋଲ ସେଣ୍ଟର, ଆଇଓଟି ଅନୁସନ୍ଧାନ ଏବଂ ପ୍ରୟୋଗ କେନ୍ଦ୍ର, ସାଇବର ଏବଂ ମୋବାଇଲ ସୁରକ୍ଷା ହାକାଥନ ପାଇଁ ଏକ ଲ୍ୟାବ୍ ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ଦ୍ୱାରା ଆଇଆଇଟି ରୁରକୀର ପ୍ରାୟ ୧୧ ହଜାର ଛାତ୍ର ଉପକୃତ ହେବେ।

# ଅନିଶ୍ଚିତତାରେ ନୀଳକଣ୍ଠପୁର-ଜଗନ୍ନାଥପୁର ବ୍ରାହ୍ମଣୀ ସେତୁ



■ ୩୨ କୋଟି ଟଙ୍କା ବ୍ୟୟ ଅଟକଳ
■ ଫେବୃଆରୀରେ ଶେଷ ହେବା ଲକ୍ଷ୍ୟ

ପଟ୍ଟାମୁଣ୍ଡାଇ,୭।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ସଦର ମହକୁମା ସହିତ ବିଚ୍ଛିନ୍ନ ହୋଇ ରହିଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ଧୋଯାଅଞ୍ଚଳର ୭ଟି ପଞ୍ଚାୟତକୁ ସଂଯୋଗ କରିବାକୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ନୀଳକଣ୍ଠପୁର-ଜଗନ୍ନାଥପୁର ବ୍ରାହ୍ମଣୀ ସେତୁ ନିର୍ମାଣ କାମ ହାତକୁ ନେଇଥିଲେ। ଏହି ପୋଲ ନିର୍ମାଣ ପାଇଁ ୩୧ କୋଟି ୨୮ ଲକ୍ଷ ୯୯ ହଜାର ୧୭୨ ଟଙ୍କା ବ୍ୟୟବରାଦ କରାଯାଇଥିଲା। ଉକ୍ତ ସେତୁ କାମ ୨୦୨୧ ଅଗଷ୍ଟ ୧୨ରେ ଆରମ୍ଭ ହୋଇ ୨୦୨୪ ଫେବୃଆରୀ ୧୧ ତାରିଖରେ ଶେଷ ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ୨୦୨୧ ଡିସେମ୍ବର ୧୫ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ଏହାର ଶିଳାନ୍ୟାସ କରିଥିଲେ। ଠିକା ସଂସ୍ଥା ଅଧା କାମ କରି ଛୁ ମାରିଛି। ଫଳରେ ଏହି ସେତୁ ହେବା ନେଇ ଅନିଶ୍ଚିତତା ଦେଖା ଦେଇଥିବାବେଳେ ସେତୁ କାମ ଶେଷ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନୀଳକଣ୍ଠପୁର-ଜଗନ୍ନାଥପୁର ସେତୁ ନିର୍ମାଣ ପାଇଁ ୧୫ଟି ପିଲାର ନିର୍ମାଣ ହେବା ପ୍ଲାନ ଏଷ୍ଟିମେଣ୍ଟରେ ଉଲ୍ଲେଖ ଥିବାବେଳେ ମାତ୍ର ୮ଟି ପିଲାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହା ମାଟି ପଉନରୁ ମାତ୍ର ୪/୫ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ହୋଇଛି। କିନ୍ତୁ କାର୍ଯ୍ୟ ସମାପ୍ତିର ଅବଧି ପୂର୍ବରୁ ଠିକା ସଂସ୍ଥା ବିରଜା କନଷ୍ଟ୍ରକସନ ଅଧାରେ କାମ ଛାଡି ଛୁ ମାରିଛି। ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣାଧୀନ ଏହି ସେତୁ ପାଇଁ ବ୍ୟୟ ଅଟକଳ ୩୧ କୋଟି ୨୮ ଲକ୍ଷ ୯୯ ହଜାର ୧୭୨ ଟଙ୍କା ପୂର୍ତ୍ତ ବିଭାଗ ପାଖରେ ଗଚ୍ଛିତ ଅଛି କି ନାହିଁ ବିଭାଗ ତାହାର ଉତ୍ତର ଦେଉନାହିଁ। ଏହି ସେତୁ କାମ ଶେଷ ହୋଇଥିଲେ ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ତରଡିପାଳ, ପେଣ୍ଠପାଳ, ଅଳପୁଆ, ସିଂହଗାଁ, ଅଣ୍ଟେରା, ଅମୃତମଣୋହି, ବଲୁରିଆ, ନୂଆପଡ଼ା, ବାଟିପଡା, ସାନମଙ୍ଗ, ସଂସିଧା, ପେତପଡା ପ୍ରଭୃତି ପଞ୍ଚାୟତର ଲୋକେ ପଟ୍ଟାମୁଣ୍ଡାଇ ସହରକୁ ଯାତାୟାତ ସୁବିଧା ପାଇପାରିଥା'ନ୍ତେ। ସେହିପରି ନୀଳକଣ୍ଠପୁର-ଜଗନ୍ନାଥପୁର ସେତୁ ନିର୍ମାଣ ସରିଥିଲେ ପଟ୍ଟାମୁଣ୍ଡାଇ ବ୍ଲକ୍ ସଦର ମହକୁମା, ତହସିଲ ଓ ଥାନା ସହିତ ସିଧାସଳଖ ଯୋଗାଯୋଗ ହୋଇପାରିବା ସହିତ ୯/୧୦ କିମି ଦୂରତା କମ୍ ହୋଇଥା'ନ୍ତା। କିନ୍ତୁ ଅଧାପନ୍ତରିଆ ଭାବେ ପୋଲ ନିର୍ମାଣ କାମ ଛାଡ଼ି ଠିକା ସଂସ୍ଥା ଛୁ ମାରିଥିବାରୁ ବ୍ରାହ୍ମଣୀ ବନ୍ୟା ଓ ସ୍ରୋତ ଦ୍ୱାରା ବାଲି ସବୁ ନିର୍ମାଣାଧୀନ ୮ଟି ପିଲାର ଚତୁପାଶ୍ୱର୍ରେ ଜମା ହୋଇ ରହି ପିଲାର ପୋତି ହୋଇପଡ଼ିଲାଣି। ତେବେ ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ପୋଲର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହୋଇଛି।

# ମହୁମାଛି ଆକ୍ରମଣରେ ୨ ଗୁରୁତର, ୫ରୁ ଅଧିକ ଆହତ



ଡେରାବିଶ, ୭।୧୨(ସମିସ): ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଆଜି ମହୁମାଛି ଆକ୍ରମଣରେ ୨ ଜଣ ଗୁରୁତର ଆହତ ହୋଇଥିବାବେଳେ ୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜଣାଯାଇଛି। ଏପରିକି ମହୁମାଛିଙ୍କ ଆତଙ୍କରେ ଗ୍ରାମରେ ତାଟିକବାଟ ପଡ଼ିଯାଇଥିଲା। ଲୋକମାନେ କିଛି ସମୟ ପାଇଁ ବାହାରକୁ ବାହାରି ପାରି ନ ଥିଲେ। ନୂଆଗାଁ ଗ୍ରାମର ସୁବ୍ରତ ପ୍ରଧାନ ଗ୍ରାମ ନିକଟସ୍ଥ ଧାନ ବିଲକୁ କ୍ଷେତ ଦେଖିବା ପାଇଁ ଯାଇଥିଲେ। ଏହି ସମୟରେ ଏକ ମହୁମାଛି ପଲ ହଠାତ ସୁବ୍ରତଙ୍କୁ ଘେରିଯାଇ ଆକ୍ରମଣ କରିବାକୁ ଲାଗିଲେ। ମହୁମାଛିଙ୍କ ଦଂଶନରେ ଆହତ ସୁବ୍ରତ ନିକଟସ୍ଥ ଏକ ପୋଖରୀ ଭିତରକୁ ଡେଇଁପଡ଼ି ପାଣିରେ ବୁଡ଼ିଯାଇଥିଲେ। ଫଳରେ ମହୁମାଛି ପଲ ନିକଟସ୍ଥ ବିଲରେ ଧାନ କାଟୁଥିବା ପ୍ରକାଶ ପ୍ରଧାନଙ୍କୁ ଘେରି ଆକ୍ରମଣ କରିଥିଲେ। ପ୍ରକାଶ ଜୀବନ ବିକଳରେ ଗ୍ରାମ ଆଡ଼କୁ ଦୌଡ଼ିବାରେ ଲାଗିଥିଲେ। ହେଲେ ମହୁମାଛି ତାଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିବାରେ ଲାଗିଥିଲେ। ପ୍ରକାଶଙ୍କ ଏ ଅବସ୍ଥା ଦେଖି ଗ୍ରାମର କବି ପ୍ରସାଦ ପ୍ରଧାନ, ଅନିରୁଦ୍ଧ ପ୍ରଧାନ ଓ ଅନୁସୟ ପ୍ରଧାନ ପ୍ରମୁଖ ପ୍ରକାଶଙ୍କୁ ମହୁମାଛିଙ୍କ କବଳରୁ ସୁରକ୍ଷା ଦେବା ପାଇଁ ଧୂଆଁ କରିଥିଲେ । ଫଳରେ ମହୁମାଛି ପ୍ରକାଶଙ୍କୁ ଛାଡ଼ି ପଳାଇଯାଇଥିଲେ। କବି, ଅନିରୁଦ୍ଧ ଓ ଅନୁଶୟା ମଧ ମହୁମାଛି ଦଂଶନର ଶିକାର ହୋଇଥିଲେ। ମହୁମାଛି ଆକ୍ରମଣରେ ଗୁରୁତର ପ୍ରକାଶ ଓ ସୁବ୍ରତଙ୍କୁ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା।

# ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ଜୟନ୍ତୀ

ମାର୍ଶାଘାଇ,୭।୧୨(ସମିସ):ମାର୍ଶାଘାଇ ବ୍ଲକ୍ ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ୍ ସମାଜ ସଂସ୍କାରକ ଚିନ୍ତାମଣି ଗୁରୁଜୀଙ୍କ ୧୦୯ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଭାତଫେରୀ, ସଫେଇ ଓ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିନ୍ତାମଣି ଗୁରୁଜୀ, ରୁକ୍ମିଣୀଦେବୀ ସ୍ମାରକୀ ନ୍ୟାସ ଓ ମଧୁସାଗର ବିଦ୍ୟାଳୟ ମିଳିତ ସହଯୋଗରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିରଞ୍ଜନ ବାରିକଙ୍କ ସଭାପତିତ୍ୱରେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରହ୍ଲାଦ ସ୍ୱାଇଁ, ସ୍ମାରକୀ ନ୍ୟାସ ସଭାପତି ହୃଦାନନ୍ଦ ରାଉତ, ନୀଳମାଧବ ରାଉତ, ଉମାକାନ୍ତ ଦାସ, ସ୍ମାରକୀନ୍ୟାସ ସମ୍ପାଦକ ଭ୍ରମର ରାଉତ, ଯଦୁମଣି ପରିଡ଼ା ପ୍ରମୁଖ ଯୋଗଦେଇ ଚିନ୍ତାମଣି ଗୁରୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ମାଧୁରୀ ଭଦ୍ର, ରଶ୍ମୀରେଖା ମହାପାତ୍ର, ମରୁତ ସାମଲ, ଅମୂଲ୍ୟ ଜେନା ଯୋଗ ଦେଇଥିବାବେଳେ ଶିକ୍ଷୟିତ୍ରୀ ମାଧବିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ,୭।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ଓ କେନ୍ଦ୍ରାପଡ଼ା କଲେଜ ରସାୟନ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ "ଆକାଡେମିଆ ଇଣ୍ଡଷ୍ଟ୍ରି ଇଣ୍ଟରଫେସ ଓ ସସଷ୍ଟେନବୁଲ ଏନଭିରନମେଣ୍ଟ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ଓ ବର୍ତ୍ତମାନର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡଃ ରତନ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗବେଷଣାଗାର ଓ ଶିଳ୍ପ ମଧ୍ୟରେ ବିଭିନ୍ନ ରାସାୟନିକ ପଦାର୍ଥ ତିଆରିର ଉତପ୍ରେରକର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଡଃ ଏସକେ ଭରଦ୍ୱାଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବୈଦ୍ୟୁତିକ ଉତପ୍ରେରକ ବ୍ୟବହାର ଓ ପରିବେଶ ସନ୍ତୁଳନ କ୍ଷେତ୍ରରେ ତା'ର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶାସନ କ୍ଷମତା ଓ ସାଧାରଣ ନିୟକ ବିଭାଗ ବରିଷ୍ଠ ଅଧ୍ୟାପକ ଡଃ ରାଜଶ୍ରୀ ପାଢ଼ୀ ଅନଲାଇନରେ ଶିଳ୍ପ ଓ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଷ୍ଟୁଆର୍ଟ ବିଜ୍ଞାନ କଲେଜ ରସାୟନ ବିଜ୍ଞାନ ଅଧ୍ୟାପକ ଡଃ ତନୁଶ୍ରୀ ପଟ୍ଟନାୟକ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ଜୈବ ଇନ୍ଧନର ଉପଯୋଗିତା ପରିବେଶ ପ୍ରଦୂଷଣ ରୋକିବା କ୍ଷେତ୍ରରେ ଥିବା ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରାପଡ଼ା କଲେଜ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଗିରିଜା ପ୍ରସାଦ ମିଶ୍ର କାର୍ବୋ ସୁଗାର ପ୍ରତିବନ୍ଧକ ବ୍ୟବହାର କରି ବିଭିନ୍ନ ରାସାୟନିକ ଓ ଯୌଗିକ ତିଆରି ପଦ୍ଧତିର ପରିବେଶ ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଆକାଶ ପଣ୍ଡା, ପ୍ରୀତମ କର, ସ୍ନେହାଶିଷ ମିଶ୍ର, ବିବେକାନନ୍ଦ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଦୁଃଶାସନ ପରିଡା ସ୍ୱାଗତଭାଷଣ ଓ ସଂଯୋଜକ ଡଃ ଫକୀର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ପଟ୍ଟାମୁଣ୍ଡାଇ କଲେଜର ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା, ରଂଜିତ ସେନାପତି, ଡଃ ଅଞ୍ଜଳି ଦାଶ, ଡଃ ରମେଶ ସାହୁ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ, ସର୍ବେଶ୍ୱର ସାହୁ, ଅଧ୍ୟାପକ ଅରବିନ୍ଦ ପାଣ୍ଡବ, ସରୋଜିନୀ ମିଶ୍ର, ଜିତେନ୍ଦ୍ର ମଲ୍ଲିକ, ସରୋଜ ନାୟକ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିବାବେଳେ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ରଞ୍ଜନ ଗାହାଣ ଧନ୍ୟବାଦ ଦେଇଥିଲେ।

■ ମହିଳା ଠକେଇର ଶିକାର

# ବେସରକାରୀ ସଂସ୍ଥାରୁ ଋଣ କରି ୭୫ ଲକ୍ଷ ଟଙ୍କା ନେଇ ମହିଳା ଫେରାର



ଆଳି, ୭।୧୨(ସମିସ): ମହିଳାଙ୍କ ନାମରେ ବେସରକାରୀ ସଂସ୍ଥାରୁ ଋଣ କରି ୭୫ ଲକ୍ଷ ଟଙ୍କା ଜଣେ ମହିଳା ଠକି ନେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମରୁ ଆସିଛି ଏଭଳି ସାଂଘାତିକ ଅଭିଯୋଗ। ମାନପୁର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କଠାରୁ ଆବଶ୍ୟକ କାଗଜପତ୍ରରେ ଦସ୍ତଖତ ଓ ଟିପଚିହ୍ନ ନେଇ ପ୍ରାଇଭେଟ ସଂସ୍ଥାରୁ ୭୫ ଲକ୍ଷ ଟଙ୍କା ଋଣ କରି ଜଣେ ମହିଳା ଠକି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଳି ଥାନାରେ ସମ୍ପୃକ୍ତ ମହିଳାଙ୍କ ନାଁରେ ଏତଲା ଦେଇଛନ୍ତି। ସମ୍ପୃକ୍ତ ମହିଳା ଜଣଙ୍କ ସମସ୍ତଙ୍କ ଡକ୍ୟୁମେଣ୍ଟ ନେଇ ୫/୬ଟି ସଂସ୍ଥାରୁ ବିଭିନ୍ନ ମହିଳାଙ୍କ ନାଁରେ ୨ରୁ ୩ ଲକ୍ଷ ଲେଖାଏଁ ଋଣ କରିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏବେ ବିଭିନ୍ନ ସଂସ୍ଥାର ଏଜେଣ୍ଟ ଋଣଟଙ୍କା ଆଦାୟ ପାଇଁ ଆସିବାରୁ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିବା ଠକେଇର ଶିକାର ମହିଳାଙ୍କ ମଧ୍ୟରୁ ଭଗବତୀ ବେହେରା, ଶଶୀକଳା ମଳିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଠକେଇ କରିଥିବା ସମ୍ପୃକ୍ତ ମହିଳା କିମ୍ବା ପୁଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# ଛତାବଟ ମହାପୁରୁଷଙ୍କ ଜନ୍ମୋତ୍ସବ



ଡେରାବିଶ, ୭।୧୨(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତା ଛକସ୍ଥ ଛତାବଟ ମହାପୁରୁଷଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ପୂର୍ବାହ୍ନରୁ ମହାପୁରୁଷଙ୍କ ନିକଟରେ ଷୋଡ଼ଶ ଉପଚାରରେ ପୂଜା ହେବା ସହିତ ମନ୍ଦିର ପରିସରରେ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମହାପୁରୁଷଙ୍କୁ ପୂଜାର୍ଚ୍ଚନା କରିବା ସହିତ ଆଶୀର୍ବାଦ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂଜକ ହଳଧର ଦାଶ ପରିଚାଳନା କରିଥିବାବେଳେ ଗୁରୁଚରଣ ଗିରି, ପ୍ରଶାନ୍ତ କୁମାର ତ୍ରିପାଠୀ, ବିଷ୍ଣୁଚରଣ ମହାନ୍ତି, ଦୀପକ କୁମାର ଓଝା, ସତ୍ୟରଞ୍ଜନ ମଲିକ, ଭ୍ରମରବର କାଣ୍ଡି, କୁନା ସିଂ, ସୁରେନ୍ଦ୍ର କୁମାର ବେହେରା, ରତ୍ନାକର ସ୍ୱାଇଁ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତି ସେମିନାର




କେନ୍ଦ୍ରାପଡ଼ା,୭।୧୨(ସମିସ): ଶନିବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଶିକ୍ଷାନୀତି ଉପରେ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବର୍ତ୍ତମାନ ଉଚ୍ଚଶିକ୍ଷା ପରିଷଦର ମୁଖ୍ୟ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ମାର୍ଗଦର୍ଶିକା ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ଏହି ସମ୍ମାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ସଭାପତିତ୍ୱ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ନୂତନ ଶିକ୍ଷାନୀତି ଉପରେ ଥିବା ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମ୍ମାନରେ ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସଂଯୋଜକ ପ୍ରଫେସର ପ୍ରଭାକର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ତୁଷାରକାନ୍ତି ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରାଧ୍ୟାପକ ଡଃ ଜ୍ଞାନୀନ୍ଦ୍ର ଦାଶ, ଅଶୋକ କୁମାର ଦାସ, ରମାନାଥ ମହାନ୍ତି, ଗୌର ପ୍ରସାଦ ଷଡ଼ଙ୍ଗୀ, ରଞ୍ଜିତ କୁମାର ଦାସ, ବିଶ୍ୱରଞ୍ଜନ ପୁହାଣ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଡେରାବିଶ ମହୋତ୍ସବ ପ୍ରସ୍ତୁତି ବୈଠକ



ଡେରାବିଶ,୭।୧୨(ସମିସ): ଜିଲ୍ଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ବୈଭବକୁ ଉଜ୍ଜୀବିତ ରଖିବା ପାଇଁ ଡେରାବିଶ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ମାସ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଶନିବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅଧ୍ୟକ୍ଷତା କରି ମହୋତ୍ସବରେ ଚଳିତବର୍ଷ ଜିଲ୍ଲାର ଲୋକକଳାକୁ ଅଧିକ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ଏଥିସହିତ ମହୋତ୍ସବରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ ଉପରେ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବ ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପାନୀୟଜଳ ଓ ପରିମଳ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହିତ ବାହାର ଜିଲ୍ଲାରୁ ଆସୁଥିବା ସାଂସ୍କୃତିକ ଦଳ କିପରି ଶୃଙ୍ଖଳିତ ଭାବେ ନୃତ୍ୟ ପ୍ରଦର୍ଶନ କରିପାରିବେ, ସେ ନେଇ ବୈଠକରେ ଉପସ୍ଥିତ ସଦସ୍ୟ ପ୍ରସ୍ତାବ ରଖିଥିଲେ। ମହୋତ୍ସବକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ପୁଲିସ ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଡେରାବିଶ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଆରତୀ ନାୟକ, କେନ୍ଦ୍ରାପଡ଼ା ସହକାରୀ ଅଗ୍ନିଶମ ଅଧିକାରୀ ଅମୃନ ଗୌରବ, ଡେରାବିଶ ସହକାରୀ ଅଗ୍ନିଶମ ଅଧିକାରୀ ବନମାଳୀ ମାଝିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ସଂଗଠନ ସଭାପତି ଡ. ଭକ୍ତକବି ଦାସ, ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ, ଉପଦେଷ୍ଟା ସରୋଜକାନ୍ତ ସାହୁ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, କମିଟିର କର୍ମକର୍ତ୍ତା ମହେନ୍ଦ୍ର କୁମାର ସିଂ, ସାହାଜାନ ଖାନ, ଶାନ୍ତିସ୍ୱରୂପ ଭୂୟାଁ, ରାମଚନ୍ଦ୍ର ରାଉତ, ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ, ସରୋଜ କୁମାର ଦାଶ, ଲକ୍ଷ୍ମୀକାନ୍ତ ଜେନା, ଅଭିମନ୍ୟୁ ରାଉତ, ମରୁତ ସ୍ୱାଇଁ, ଧରଣୀଧର ପ୍ରଧାନ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଅନ୍ନପୂର୍ଣ୍ଣା ୟୁଥ୍ କ୍ଲବ୍‌ର ସାଧାରଣ ବୈଠକ



କେନ୍ଦ୍ରାପଡ଼ା,୭।୧୨(ସମିସ): କେନ୍ଦ୍ରାପଡ଼ା ସହରର ଚାଟଣାପାଟଣାସ୍ଥ ଅଗ୍ରଣୀ ଅନୁଷ୍ଠାନ ଶ୍ରୀଶ୍ରୀ ମା' ଅନ୍ନପୂର୍ଣ୍ଣା ୟୁଥ୍ କ୍ଲବ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ସହିତ ଆଗାମୀ ଦିନରେ କ୍ଲବର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କ୍ଲବ୍‌ର ସମସ୍ତ ଉପଦେଷ୍ଟା ମଣ୍ଡଳୀ ରଘୁନାଥ ପାଣି, ଧରଣୀଧର ପୃଷ୍ଟି, ବିରେନ ରାଉତ, କାହ୍ନୁଚରଣ ପୃଷ୍ଟି, ସ୍ଥାନୀୟ କାଉନସିଲର ରମେଶ ଚନ୍ଦ୍ର ଦାସ, ସରୋଜ କାନ୍ତ ସ୍ୱାଇଁ, ସୁରେନ୍ଦ୍ର କୁମାର ପାଣି ଓ ସଦସ୍ୟଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ପ୍ରଦୀପ ଜେନା, ଉପସଭାପତି ସୁଜିତ କୁମାର ରାଉତ, ଉପସମ୍ପାଦକ ସନ୍ଦୀପ ମାନସିଂହ, କୋଷାଧ୍ୟକ୍ଷ ହିମାଂଶୁ ରାଉତଙ୍କୁ ଚୟନ କରାଯାଇଛି। ଏହି ବୈଠକରେ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ପୂଜା ପାର୍ବଣ, ଅନୁଷ୍ଠାନର ବାର୍ଷିକ ଉତ୍ସବ କିପରି ଶୃଙ୍ଖଳିତ ଭାବେ ପାଳନ କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା।

ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ସଚେତନତା ରଥର ଶୁଭାରମ୍ଭ

# ଜଣେ ଯକ୍ଷ୍ମା ରୋଗୀ ୧୨ରୁ ୧୫ ଜଣ ଲୋକଙ୍କୁ ସଂକ୍ରମଣ କରିପାରେ



କେନ୍ଦ୍ରାପଡ଼ା,୭।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଟିବି ମୁକ୍ତ ଭାରତ ଅଭିଯାନ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ସଚେତନତା ରଥ ଜିଲ୍ଲାରେ ଚାରିଦିନ ଧରି ଟିବି ମୁକ୍ତ ଭାରତ ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିବ। ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ଯୋଗଦାନ କରିଥିଲେ। ଟିବି ମୁକ୍ତ ଜିଲ୍ଲା ପାଇଁ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା, ଧୂମପାନ କରୁଥିବା, ଡାଇବେଟିସ ଆକ୍ରାନ୍ତ, ୬୦ ବର୍ଷରୁ ଉର୍ଦ୍ଧ୍ୱ, ଅପପୁଷ୍ଟିର ଶିକାର ବ୍ୟକ୍ତି, ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରଥମେ ଚିହ୍ନଟ କରାଯାଇ ଆଧୁନିକ ପ୍ରଣାଳୀରେ ପରୀକ୍ଷା ନିରୀକ୍ଷା କରିବାକୁ ଯୋଜନା କରାଯାଇଥିବା ଡା. ପ୍ରହରାଜ ମତ ରଖିଥିଲେ। ଏହି ବ୍ୟକ୍ତିମାନେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଅଛି। ଆମ ଦେଶରେ କୈଶୋରମାନଙ୍କୁ ଇଞ୍ଜେକସନ ପ୍ରଦାନ କରାଯାଇ ଯକ୍ଷ୍ମା ରୋଗକୁ ୨୯ ପ୍ରତିଶତ କମାଇ ଦିଆଯାଇପାରିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଲକ୍ଷ ଜନସଂଖ୍ୟା ମଧ୍ୟରେ ପ୍ରାୟ ୬୦ ଜଣ ଯକ୍ଷ୍ମା ରୋଗୀ ଅଛନ୍ତି। ଏହି ସଂଖ୍ୟାକୁ ନ୍ୟୁନ କରି ଶୂନ୍ୟ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଯଦି ଜଣେ ଲୋକ ଦୁଇବର୍ଷ ଧରି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ରହେ, ବର୍ଷକୁ ପ୍ରାୟ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ହୁଏ। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ ଏହାକୁ ପ୍ରତିହତ କରିବାକୁ ପଦକ୍ଷେପ ନେବା ସହ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ଜଣେ ଯକ୍ଷ୍ମା ରୋଗୀ ୧୨ରୁ ୧୫ ଜଣ ଲୋକଙ୍କୁ ସଂକ୍ରମଣ କରିବାର କ୍ଷମତା ରଖିଥାଏ। ତେଣୁ ସଚେତନତାର ଆବଶ୍ୟକତା ରହିଛି। ବୈଠକରେ ଯକ୍ଷ୍ମା ରୋଗରୁ ମୁକ୍ତ ହୋଇ ଯକ୍ଷ୍ମା ରୋଗକୁ ପ୍ରତିହତ କରିବା ସଚେତନତା କାର୍ଯ୍ୟରେ ସଫଳ ହୋଇଥିବା ୮ ଜଣ ଯକ୍ଷ୍ମା ଚାମ୍ପିଅନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଉକ୍ତ ବୈଠକରେ ଡା. ନୃପେନ ଶତପଥୀ, ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ପି କେ ବେହେରା, ଡା. ପି କେ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଆଦ୍ୟାଶା ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, କୃଷ୍ଣଚନ୍ଦ୍ର ଲୋହା, ଏଏନଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷା ଭାରତୀ ସ୍ୱାଇଁ ଓ ଏଏନଏମ୍ ଛାତ୍ର ଛାତ୍ରୀ, ଡିପିଏଚସିଓ ମିନତୀ ମହାପାତ୍ର, ସ୍ୱାସ୍ଥ୍ୟ ସମିତିର ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଡ. ଆମ୍ବେଦକରଙ୍କ ତିରୋଧାନ ଦିବସ



ଢେଙ୍କାନାଳ,୭ ।୧୨(ସମିସ): ସମ୍ବିଧାନ ପ୍ରେଣତା ଭାରତରତ୍ନ ଡ. ବି ଆର୍ ଆମ୍ବେଦକରଙ୍କ ତିରୋଧାନ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳନ ହୋଇଯାଇଅଛି । ଡ. ବି.ଆର୍. ଆମ୍ବେଦକର ସୋସାଇଟ୍‌ର ଅଧକ୍ଷ କୈଳାସ ଚନ୍ଦ୍ର ବେହେରା ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ବନମାଳି ମଲ୍ଲିକଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଅଭିନବ ସୋନ୍‌କର୍ ଯୋଗଦାନ କରି ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ବାବା ସାହେବଙ୍କ ତ୍ୟାଗପୂତ ଜୀବନ ଓ ସମ୍ବିଧାନ ଉପରେ ବିକ୍ଷାନ୍ତ ଭାଷଣ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରୁ ବିଜେପି ସଭାପତି ନରେଶ ଚନ୍ଦ୍ର ମହାପାତ୍ର, କଂଗ୍ରେସ ସଭାପତି ସୁନୀଲ୍ କୁମାର ଦାଶ ଏବଂ ଆପ୍ ଜିଲ୍ଲା ସଭାପତି ପଙ୍କଜ କୁମାର ନାୟକ, ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍‌ର ସଭାପତି କଲ୍ୟାଣ କୁମାର କାନୁନ୍‌ଗୋ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ରୁଦ୍ର ପ୍ରକାଶ ଶରଣ, ଉତ୍ଫୁନାର ସଭାପତି ମନୋରଞ୍ଜନ ପଟ୍ଟନାୟକ, ଆପ୍ ବିଧାୟକ ପ୍ରାର୍ଥୀ ଭରତ ଦାସ, ଆମ୍ବେଦକର ସେବା ସଂଗଠନର ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକ, ବରିଷ୍ଠ ଆଇନ୍‌ଜୀବୀ ତଥା ହିନ୍ଦୋଳ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ମମତାଞ୍ଜଳି ବେହେରା, ସମାଜସେବୀ ସରୋଜ କୁମାର ଶତପଥୀ, ଶିଳ୍ପୀ ପରେଶ କୁମାର ପଟ୍ଟନାୟକ, ଜିଲ୍ଲା ଆପ୍ ଉପସଭାପତି ଜିତେନ୍ଦ୍ର ବେହେରା, ଢେଙ୍କାନାଳ ଜିଲ୍ଲା ଦଳିତ ସଂଘ ସଭାପତି ପ୍ରହ୍ଲାଦ ନାଏକ, ପ୍ରତିରୋଧ ଖବରକାଗଜ ସମ୍ପାଦକ ବାଇଧର ନାଏକ, ବିଶିଷ୍ଟ ଆଇନ୍‌ଜୀବୀ ନିରଞ୍ଜନ ସାହୁ ଓ ମହମ୍ମଦ ଅର୍ସଦ ପ୍ରମୁଖ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିକ୍ଷିପ୍ତ ଆଲୋଚନା କରିଥିଲେ ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ଗଁନ୍ଦିଆ,୭ ।୧୨(ସମିସ): ଓଷ୍ଟା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୋରିଷିଆପଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ଓଷ୍ଟାର ବ୍ଲକ ସଭାପତି ମୁରଲୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଗଁନ୍ଦିଆ ବିଡିଓ ପବିତ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ଓଷ୍ଟାର ଜିଲ୍ଲା ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ବ୍ଲକ ଉପସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ଦିଲୀପ କୁମାର ସାହୁ, ପ୍ରଧାନଶିକ୍ଷକ ଯଦୁମଣି ମହନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଏହା ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ । ଗଁନ୍ଦିଆ ବ୍ଲକର ୧୫ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଉତ୍ସବରେ ପବିତ୍ର କୁମାର ବେହେରା ପିଲାମାନଙ୍କୁ ଉତ୍ସାହିତ କହିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

# ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ନନ୍ଦିନିଆ

ହିନ୍ଦୋଳ,୭।୧୨(ସମିସ):

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ଜିଲ୍ଲା ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ବେଳେ ଜିଲ୍ଲାରେ ହିନ୍ଦୋଳ ଉପଖଣ୍ଡର ମଧ ସ୍ୱତନ୍ତ୍ର ସ୍ଥାନ ରହିଛି । ଏଠାରେ ଥିବା

## ଏବେ ବି ସରକାରୀଙ୍କ ଦୃଷ୍ଟି ଆଢୁଆଳରେ

## ନାହିଁ ପକ୍କା ରାସ୍ତା, ବିଜୁଳି ବ୍ୟବସ୍ଥା





ମନଲୋଭା ପ୍ରାକୃତିକ ଶୋଭାରାଶି ସମସ୍ତଙ୍କୁ ଆକର୍ଷିତ କରେ । ବଣପାହାଡ଼ ଘେରା ସବୁଜିମା ପରିବେଶ ସାଙ୍ଗକୁ ବୋହିଯାଉଥିବା ଝରଣାର ପାଣି ସମସ୍ତଙ୍କୁ ବିମୋହିତ କରେ । ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ହେଉଛି ହିନ୍ଦୋଳ ଉପଖଣ୍ଡର ନନ୍ଦିନିଆ ଜଳପ୍ରପାତ । ଏହି ଜଳପ୍ରପାତ ଦେଖିବା ପାଇଁ ବର୍ଷର ବରମାସ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ନନ୍ଦିନିଆ ଜଳପ୍ରପାତ ଯିବା ପାଇଁ ଗୋଟିଏ ପକ୍କା ସଡ଼କ ନିର୍ମାଣ ହୋଇପାରିନି । ଏବେ ମଧ ସରକାରୀ ଦୃଷ୍ଟି ଆଢୁଆଳରେ ପଡ଼ିରହିଛି ନନ୍ଦିନିଆ ଜଳପ୍ରପାତ । ପ୍ରପାତ ପାଖକୁ ବିଜୁଳି ସଂଯୋଗ ମଧ ହୋଇନାହିଁ । ଏହାର ଆକର୍ଷଣ ବର୍ଷତମାମ ବଣଭୋଜି କରିବା ପାଇଁ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି । ଯଦି ସରକାର ନନ୍ଦିନିଆ ଜଳପ୍ରପାତ ପ୍ରତି ଦୃଷ୍ଟି ଦିଅନ୍ତେ ତେବେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

ଢେଙ୍କାନାଳ ସଦର ମହକୁମାଠାରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଭାପୁର ଦେଇ ୩୬ କିଲୋମିଟର ଗଲେ ପଡ଼ିବ ହିନ୍ଦୋଳ ଟାଉନ । ସେଠାରୁ ୪ କିଲୋମିଟର ଦୂରରେ ଅବସ୍ଥିତ ନନ୍ଦିନିଆ ଜଳପ୍ରପାତ । ନୟାଗଡ଼ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକଙ୍କୁ ୮୫ କିଲୋମିଟର ହିନ୍ଦୋଳ ଟାଉନ ଦେଇ ନନ୍ଦିନିଆ ଯିବାକୁ ପଡୁଥିବା ବେଳେ ନରସିଂହପୁରଠାରୁ ୨୪ କିଲୋମିଟର, ଅନୁଗୋଳରୁ ମହିଧରପୁର ଦେଇ ୩୦ କିଲୋମିଟର ଯିବାପରେ ହିନ୍ଦୋଳ ଟାଉନ ଦେଇ ପର୍ଯ୍ୟଟକମାନେ ନନ୍ଦିନିଆ ଆସିପାରିବେ । ପ୍ରାକୃତିକ ପରିବେଶରେ ଭରପୂର ଏହି ଡ୍ୟାମର ଶୋଭାରାଶି ବେଶ୍ ମନୋରମ । ଚାରିପଟେ ଜଙ୍ଗଲ, ମଝିରେ ପାହାଡ଼ ସଦୃଶ ଉପରୁ ପାଣିପଡୁଥିବା ଏହି ଜଳପ୍ରପାତ ନିକଟରେ ରହିଛି ବହୁ ପୁରାତନ ଗୁମ୍ଫା । ଏଠିକାର ନୈସର୍ଗିକ ଶୋଭା ଓ ପରିବେଶ ମଧ୍ୟରେ ବଣଭୋଜି ସାଙ୍ଗକୁ ବୁଲାବୁଲି କରିବା ପାଇଁ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ବର୍ଷତମାମ ପର୍ଯ୍ୟଟକ ଆସୁଥିଲେ ମଧ ନୂଆବର୍ଷରେ ବହୁ ପର୍ଯ୍ୟଟକଙ୍କ ସମାଗମ ହୁଏ । ନନ୍ଦିନିଆ ଜଳପ୍ରପାତ ପାଖରେ ବର୍ଷତମାମ କୁଳୁକୁଳୁ ଶବ୍ଦ କରି ପ୍ରବାହିତ ହେଉଥିବା ପାଣି ପ୍ରକୃତିପ୍ରେମୀଙ୍କୁ ବେଶ୍ ସମୟ ବାନ୍ଧି ରଖେ । ଶୀତରତ ଓ ନୂଆବର୍ଷରେ ଏଠି ବଣଭୋଜି କରିବାର ମଜା ନେବା ବେଶ୍ ନିଆରା । ସେଥିପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି । ହିନ୍ଦୋଳ ଉପଖଣ୍ଡର ସାପୁଆ ଡ୍ୟାମ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିବା ବେଳେ ନନ୍ଦିନିଆକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି । ମାତ୍ର ଦିନ ପରେ ଦିନ ଗଡ଼ିଯାଉଥିଲେ ମଧ ସରକାରଙ୍କ ଦୃଷ୍ଟି ପଡୁନି ନନ୍ଦିନିଆ ଉପରେ । ନନ୍ଦିନିଆ ନିକଟକୁ ଏକ ପକ୍କା ରାସ୍ତା ନିର୍ମାଣ ଓ ଆଲୋକୀକରଣ ସାଙ୍ଗକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ମୀନାବଜାର କୁମ୍ଭାର ସାହିରେ କୁରାଳ ପଞ୍ଚମୀ



ଢେଙ୍କାନାଳ,୭ ।୧୨(ସମିସ): ସ୍ଥାନୀୟ ମୀନା ବଜାର କୁମ୍ଭାର ସାହିରେ ୧୯୮୭ ମସିହାରୁ ଆରମ୍ଭ ହୋଇଥିବା କୁରାଳ ପଞ୍ଚମୀ ଆଜି ୩୭ତମ ପୂଜା ପାଳିତ ହୋଇଯାଇଛି । ଲକ୍ଷ୍ମୀ ନାରାୟଣ ହେଉଛନ୍ତି କୁମ୍ଭାର ମାନଙ୍କର ଇଷ୍ଟ ଦେବତା । ସକାଳେ କଳସ ଯାତ୍ରା, ଅଧିବାସ ପୂଜା, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସାତ ଦିନ ଧରି ଏହି ପୂଜା ଚାଲୁ ରହିବ । ଏ ବର୍ଷ ରୌପ୍ୟ ଅଳଙ୍କାର ଲାଗି କରିଯାଇଥିଲା । ପୂଜକ କାଳନ୍ଦୀ, କର୍ତ୍ତା ସତ୍ୟାନନ୍ଦ ବେହେରା, ସଭାପତି ଉଦୟ ନାଥ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଓ କମିଟିର ସମସ୍ତ ସଦସ୍ୟ ଉପସ୍ଥିତରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜାକୁ ବେଣୁଧର ବେହେରା, ପରମାନନ୍ଦ ରାଉଳ, କେଶବ ରାଉଳ ଆରମ୍ଭ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଶିଶୁମେଳାରେ ୨୦୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ




ଢେଙ୍କାନାଳ,୭ ।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ୍‌ସ୍ତରୀୟ ୪୧ତମ ଓଷ୍ଟା ଶିଶୁମେଳା ଢେଙ୍କାନାଳ ସହରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଦଲ ବ୍ଲକ୍ ମାଧ୍ୟମିକ ବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଓଷ୍ଟା ସଂଘ ପରାମର୍ଶଦାତା ସରୋଜକାନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ସମ୍ପାଦକ ବିଭୂତି ଭୂଷଣ ସାମଲ ମୁଖ୍ୟଅତିଥି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ନୀଳମଣି ମହାରଣା, ଅକ୍ଷୟ କୁମାର ନାୟକ, ନରେନ୍ଦ୍ର କୁମାର ଦାଶ, ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୋଟ୍ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଦର ବ୍ଲକ୍‌ର ୩୦ଟି ହାଇସ୍କୁଲ୍‌ର ପ୍ରାୟ ୨୦୦ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ସଂଯୁକ୍ତା ଶରଣ, ସୁଶ୍ରୀ ଶୁଭସ୍ମିତା ବେଉରା, ପୀତବାସ ଷଡଙ୍ଗୀ, ଗଙ୍ଗାଧର ଦାଶ, ଅରୁଣ କୁମାର ଓଝା, ପ୍ରେମାନନ୍ଦ ଜେନା, ପ୍ରଦୀପ ପଟ୍ଟନାୟକ, ପ୍ରଦ୍ୟୁମ୍ନ ଶତପଥୀ, ସୁରେଶ ଚନ୍ଦ୍ର ପ୍ରଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସରୋଜକାନ୍ତ ଦାଶଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀମାନଙ୍କୁ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନୀ କରିବାର ଓଷ୍ଟା ଏକ ବରିଷ୍ଠ ମାଧ୍ୟମ ବୋଲି ଅଭିମତ ରଖିଥିଲେ । ମୁଖ୍ୟଅତିଥି ରୂପେ ଜିଲ୍ଲା ଓଷ୍ଟା ସଂଘର ସ୍ଥାୟୀ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ ପିଲାମାନଙ୍କର ପ୍ରତିଯୋଗିତା ମନୋଭାବର ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲା ସମ୍ପାଦକ ବିଭୂତି ଭୂଷଣ ସାମଲ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଉତରୋତର ଉନ୍ନତି କାମନା କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବଳ, ସନ୍ତୋଷ କୁମାର କାନୁନ୍‌ଗୋ ଏବଂ ଦେବେନ୍ଦ୍ର ଦାସ ପ୍ରତିବର୍ଷ ସହଯୋଗର ହାତ ବଢାଇଥିଲେ । ସର୍ବଶେଷରେ ସଦର ବ୍ଲକ୍ ସମ୍ପାଦକ ଲିଙ୍ଗରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସେଟ୍ କମ୍ପ୍ୟୁଟରର ବାର୍ଷିକୋତ୍ସବ ଇ-କଲର୍ସ



ଢେଙ୍କାନାଳ,୭ ।୧୨(ସମିସ): ସ୍ଥାନୀୟ ଆସେଟ୍ କମ୍ପ୍ୟୁଟର ସେଣ୍ଟରର ବାର୍ଷିକୋତ୍ସବ ଇ-କଲର୍ସ ମହାସମାରୋହରେ ପାଳିତ ହୋଇଛି । ଉତ୍ସବରେ ବହୁ ମାନ୍ୟଗଣ ଅତିଥି ଯୋଗଦାନ କରିଥିଲେ । ଏହି ଉତ୍ସବରେ ଆସେଟ୍ କମ୍ପ୍ୟୁଟର ପକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ମୁଖ୍ୟ ବକ୍ତା ଭାବେ ଅକ୍ଷୟ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଶୃଙ୍ଖଳା ମାଧ୍ୟମରେ ଗ୍ରହଣ କରିଲେ ଆସେଟ୍ ଅନୁଷ୍ଠାନ ଅନେକ ସହଯୋଗ କରିବ ବୋଲି ବୁଝାଇଥିଲେ । ଭାରତ ସରକାର "ନିଲେଟ୍" ଦ୍ୱାରା ଅନୁବନ୍ଧିତ ହୋଇଥିବା ଏକ ଅଗ୍ରଣୀ ସଂସ୍ଥା ସାରା ଦେଶରେ ନାମ ରହିଛି ବୋଲି କହିଥିଲେ । ଓଡିଶା କମ୍ପ୍ୟୁଟର ଆସୋସିଏସନ୍ ସଭାପତି ସୟଦ ସଫର୍ ଅଲ୍ଲି, ସମ୍ବାଦିକ ବିଜ୍ଞାନ ମହାନ୍ତି, ସୌମ୍ୟବ୍ରତ ସାହୁ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ ଦେହୁରୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନ ପାଇଁ ଆସେଟ୍ କାର୍ଯ୍ୟ କରୁଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନୁଷ୍ଠାନର ଛାତ୍ରୀ ଆୟୁଷିକ ଦାସ ଆସେଟ୍‌ର ବିଗତ ବିବରଣୀରେ ୧୫ ବର୍ଷରେ ଅନେକ ବଦଳିଛି ବୋଲି ଆସେଟ୍‌ର ସଂକଳ୍ପ ବଦଳିନି ଓ ଏହା ଏକ ବ୍ରାଣ୍ଡେଡ୍ ଅନୁଷ୍ଠାନ ଭାବେ ସୁପରିଚିତ ହୋଇ ସରକାରଙ୍କ ସ୍ୱୀକୃତି ଲାଭ କରିଛନ୍ତି । ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀ ମୋନାଲିସା କାନୁନ୍‌ଗୋ, ସଂସ୍କୃତି ଅନୁରାଗିଣୀ, ଭେନମ୍ ରେପ୍ଲିକା, ଓଜସ୍ୱିନୀ ମିଶ୍ର, ବିକ୍ରମ ବେହେରା, ସୁଶ୍ରୀ ସଙ୍ଗୀତା ବରାଳ, ପ୍ରିୟଙ୍କା ସାହୁ, ସୁଶ୍ରୀ ଶ୍ୱେତପଦ୍ମା ସାହୁ, ପ୍ରତିଭା ପାଣି, ସୋନିଆ ନନ୍ଦ, ସ୍ୱପ୍ନା ମୁଦୁଲି, ଶୁଭେନ୍ଦୁ କୁମାର ପ୍ରଧାନ, ବାଦଲ ଆଦି ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ । ଅନୁଷ୍ଠାନର ଆକାଂକ୍ଷା, ଆଫ୍ରିନ୍, ପୁନମ୍ ଦେହୁରୀ, ପ୍ରିୟଦର୍ଶିନୀ ସାହୁ, ବର୍ଷାରାଣୀ ରଣା, ତେଜସ୍ୱିନୀ ପଣ୍ଡା, ରାହୁଲ, ନାରାୟଣ, ସ୍ନେହାଶିଷ ରାୟ, ଶ୍ରଦ୍ଧାଞ୍ଜଳି ଜେନା ଆଦି ଛାତ୍ରଛାତ୍ରୀ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଗରୁ ହୋଇଥିବା ଅନେକ ପ୍ରତିଯୋଗିତା ଯେପରି ଖେଳକୁଦ, ମିନି ମାରାଥନ, ରଙ୍ଗୋଲି, ଚିତ୍ରାଙ୍କନ, ଅନେକ ପ୍ରତିଯୋଗିତାରେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସମାପ୍ତ କରିଥିଲେ ।

# ହୃଦଘାତରେ ଯୁବ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ମୃତ୍ୟୁ

ଯୋରନ୍ଦା,୭ ।୧୨(ସମିସ): ଗଁନ୍ଦିଆ ବ୍ଲକ କାବରା ପଞ୍ଚାୟତ ଦଧିସିଙ୍ଗା ଗ୍ରାମର ତ୍ରିଲୋଚନ ସାହୁଙ୍କ ସାନପୁଅ ତଥା ଚାଟାର୍ଡ ଆକାଉଣ୍ଟାଣ୍ଟ ତୁଷାରକାନ୍ତ ସାହୁ (୪୯)ଙ୍କ ମଙ୍ଗଳବାର ରାତିରେ ବାଲେଶ୍ୱରଠାରେ ହୃଦଘାତରେ ପରଲୋକ ଘଟିଛି । ସେ କୋଲକତାରେ ରହି ଚାଟାର୍ଡ ଫାର୍ମ କରିଥିବା ବେଳେ ଏକ ମିଟିଂରେ ଯୋଗଦେବାକୁ ବାଲେଶ୍ୱର ଆସିଥିଲେ । ସେଠାରେ ସେ ହୃଦଘାତର ଶିକାର ହୋଇଥିଲେ । ତାଙ୍କ ବିଧବା ପତ୍ନୀ ଓ ଏକମାତ୍ର ଝିଅ ଅଛନ୍ତି । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି ।

# ଇଣ୍ଡିଆନ୍ ପୋଟାସ୍ ଲିମିଟେଡ୍‌ରେ ଆଖୁପେଡ଼ା ଶୁଭାରମ୍ଭ

## ଚଳିତବର୍ଷ ୩ଲକ୍ଷ ମେଟ୍ରିକ୍ ଟନ୍ ଆଖୁପେଡ଼ା ଲକ୍ଷ୍ୟ



ଢେଙ୍କାନାଳ,୭ ।୧୨(ସମିସ): ଇଣ୍ଡିଆନ୍ ପୋଟାସ୍ ଲିଃ ର ୨୦୨୪-୨୫ ବର୍ଷ ପାଇଁ ଆଖୁପେଡ଼ା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦାନ କରି କାରଖାନା ପରିସରସ୍ଥିତ ମା' ଲକ୍ଷ୍ମୀଙ୍କ ଠାରେ ପାରମ୍ପରିକ ପୂଜାର୍ଚ୍ଚନା ଏବଂ ଯଜ୍ଞ ପରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଆଖୁପୋଡା ମେସିନ୍‌ରେ ଆଖୁ ପକାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ୯୫୦୦ ଏକର ଜମିରେ ଆଖୁଚାଷ ହୋଇଥିଲାବେଳେ ୩ଲକ୍ଷ ମେଟ୍ରିକ୍ ଟନ୍ ଆଖୁପେଡ଼ା ଯିବାର ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ କାରଖାନାର ପ୍ରୋଜେକ୍ଟ ହେଡ୍ ଦୁର୍ଗା ପ୍ରସାଦ ଦ୍ୱିବେଦୀ ସମସ୍ତ ଆଖୁ ଚାଷୀଭାଇମାନଙ୍କୁ କିପରି ଅଧିକରୁ ଅଧିକ ଆଖୁଚାଷ କରି ଚିନି ଉତ୍ପାଦନରେ ଓଡିଶା କିପରି ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଖୁଚାଷୀ, ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ପରିଶେଷରେ କମ୍ପାନୀ ପରିସରରେ ଆୟୋଜିତ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦାନ କରି ବୃକ୍ଷ ରୋପଣ କରିଥିଲେ । କାରଖାନାର ପ୍ରୋଜେକ୍ଟ ହେଡ୍ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ୟୁନିଟ୍ ମୁଖ୍ୟ ସନ୍ତୋଷ କୁମାର ଦାସ, କେନ୍ ବିଭାଗର ମୁଖ୍ୟ ରାଜେଶ ସିଂ, ଅର୍ଥ ବିଭାଗର ମୁଖ୍ୟ ଶୈଳେସ ଭଙ୍କର, ଏଜିଏମ୍ ପ୍ରୋସେସ୍ ଭବାନୀ ଶଙ୍କର ରଥ, ଇଞ୍ଜିନିୟରିଂ ହେଡ୍ ଲଳିତ କୁମାର ଦାସ, ୟୁନିଟି ମୁଖ୍ୟଙ୍କ ପିଏ କ୍ଷୀରୋଦ କୁମାର ବେହୁରା, କମ୍ପାନୀର ଶ୍ରମିକ ସଂଘ ସଭାପତି ବସନ୍ତ କୁମାର ବେହେରା ଏବଂ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଜୟନ୍ତୀରେ ଢେଙ୍କାନାଳ ସାଂସଦଙ୍କ ଶ୍ରଦ୍ଧାଞ୍ଜଳି

# ନନ୍ଦନକାନନର ସ୍ରଷ୍ଟା ରାଧାନାଥ ରଥ ଚିରସ୍ମରଣୀୟ

ଢେଙ୍କାନାଳ,୭ ।୧୨(ସମିସ):



ବିଶିଷ୍ଟ ଜନନାୟକ ଓଡ଼ିଆ ସାମ୍ବାଦିକତାର ପିତାମହ ଭୀଷ୍ମ ପଦ୍ମଭୂଷଣ ଡ. ରାଧାନାଥ ରଥ ରାଜ୍ୟର ବନ ବିଭାଗ ମନ୍ତ୍ରୀ ଥାଇ ନନ୍ଦନକାନନର ସ୍ରଷ୍ଟା ଭାବେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଡ. ରଥଙ୍କ ୧୨୮ତମ ଜୟନ୍ତୀ ଅବସରରେ ପ୍ରକାଶ କରିଛନ୍ତି । ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତର ଐତିହାସିକ ଦାମୋଦରନାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦାମୋଦରନାଳୀ ଗ୍ରାମବାସୀ, ଜିଲ୍ଲା ସଂସ୍କୃତି ପରିଷଦ ଓ ଢେଙ୍କାନାଳ ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସାଂସଦ ପାଣି ଯୋଗଦେଇ ଡ. ରଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଧୂପଦୀପ ପ୍ରଦାନ କରିଥିଲେ ।

ରାଧାନାଥ ବାବୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷା, ଅର୍ଥ, ଜଙ୍ଗଲ ଓ ବିକାଶ ଆଦି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ବୋଲି କହିଥିଲେ । ରେଭେନ୍ସା କଲେଜ୍‌ରେ ଛାତ୍ର ଥିବାବେଳୁ ସେ ଡ. ରଥଙ୍କ ସଂସ୍ପର୍ଶରେ ଆସିଛନ୍ତି । ଛାତ୍ରଛାତ୍ରୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଦେଇଥିଲେ । ଗ୍ରାମ ଛକରେ ଥିବା ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ସେ ଅନ୍ୟ ଅତିଥିମାନଙ୍କ ସହ ମାଲ୍ୟାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ ଡ. ରଥଙ୍କ ଅବଦାନ ରାଜ୍ୟ ପାଇଁ ଅତୁଳନୀୟ ବୋଲି କହିଥିଲେ । ସେ ଏକାଧାରରେ ଜଣେ ଦାର୍ଶନୀକ, ସାହିତ୍ୟିକ, ସାମ୍ବାଦିକ, କବି ଓ ଲେଖକ ଭାବେ ପରିଚିତ ।

ଉତ୍ସବରେ ଅଧକ୍ଷତା କରି ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି ଢେଙ୍କାନାଳର ସଭାପତି ପ୍ରଦ୍ୟୁମ୍ନ ରଥ ବାବୁଜୀ ରୂପେ ପରିଚିତ ଡ. ରଥଙ୍କ ମାନବ ସେବା ଉପରେ ଆଲୋକପାତ କରିଥିଲେ । ଡ. ରଥ ତାଙ୍କ ଜୀବନକାଳରେ ନିଜ ଲାଗି ବାସଗୃହଟିଏ ବି ତିଆରି କରି ନ ଥିଲେ । କଟକ ସମାଜ କାର୍ଯ୍ୟାଳୟ ପରିସରରେ ଦୀର୍ଘବର୍ଷ ବିତାଇ ସେହିଠାରେ ହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏପରି ନିଃସ୍ୱାର୍ଥପର ଜନସେବକ ଆଜି ଯୁଗରେ ବିରଳ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲାପାଳ ସନାତନ ମଲ୍ଲିକ ଯୋଗଦେଇ ଡ. ରଥଙ୍କ ଆଦର୍ଶ ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ନରେଶ ମହାପାତ୍ର, ଗ୍ରାମ ସଭାପତି ବିଦ୍ୟାଧର ସାହୁ ଓ ଗ୍ରାମର ଆଇନ୍‌ଜୀବୀ ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ଡ. ରଥଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଗତ ୩ ତାରିଖରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ । ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ୫୦ବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ସତ୍ୟାନନ୍ଦ ମଲ୍ଲିକଙ୍କୁ ଜୟନ୍ତୀ କମିଟି ପକ୍ଷରୁ ମୁଖ୍ୟଅତିଥି ସାଂସଦ ପାଣି ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କୁ କମିଟି ପକ୍ଷରୁ ଖାତା ଓ ପେନ୍ ବିତରଣ କରାଯାଇଥିଲା । ଶିକ୍ଷୟିତ୍ରୀ ସୀତା ସାହୁ, ପ୍ରଧାନଶିକ୍ଷୟିତ୍ରୀ ଲାବଣ୍ୟ ପ୍ରତିମା ପଣ୍ଡା ଓ ଶିକ୍ଷକ ରବିନାରାୟଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ସରୋଜକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

